ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 APRIL 2023

Vol.No. 34 ■ No. 86 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଚାଲିବ ଅପରାଧିକ ମାମଲା

ନୂଆଦିଲ୍ଲୀ, ୩୧/୦୩ : ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଲାଗିଛି ବଡ ଝଟକା । କାରଣ ଟ୍ରମ୍ପଙ୍କ ଉପରେ ଏଣିକି ଚାଲିବ ଅପରାଧିକ ମାମଲା । ୨୦୧୬ ନିର୍ବାଚନ ପ୍ରଚାର ସମୟରେ ଜଣେ ପର୍ଣ୍ଣ ଷ୍ଟାରଙ୍କ ସହ ଟ୍ରମ୍ପଙ୍କ ଅନୈତିକ ସମ୍ପର୍କ ରହିବା ଓ ଏହାକୁ ଲୁଚାଇ ରଖିବା ପାଇଁ ଟ୍ରମ୍ପ ପର୍ଣ୍ଣଷ୍ଟାରଙ୍କୁ ମୋଟା ଅଙ୍କର ଅର୍ଥ ଦେଇଥିବା ମାମଲାରେ ସେ ଅଭିଯୁକ୍ତ ହୋଇଛନ୍ତି । ଆମେରିକାର ପୂର୍ବତନ ରାଷ୍ଟ୍ରପତିଙ୍କୁ ନ୍ୟୁୟର୍କର ମ୍ୟାନହେଟନ ଗ୍ରାଣ୍ଡ ଜୁରି କୋର୍ଟ ଅଭିଯୁକ୍ତ କରିଛନ୍ତି । ଆମେରିକାର ଜଣେ ପୂର୍ବତନ ରାଷ୍ଟ୍ରପତି ଭାବେ ଟ୍ରମ୍ପ ହେଉଛନ୍ତି ପ୍ରଥମ ଯାହାଙ୍କ ଉପରେ ଚାଲିବ ଅପରାଧିକ ମାମଲା । ଏପ୍ରିଲ ୪ ସୁଦ୍ଧା କୋର୍ଟରେ ଟ୍ରମ୍ପଙ୍କୁ ଆତ୍ମସମର୍ପଣ କରିବାକୁ ପଡିବ । ୨୦୧୬ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ବ୍ୟକ୍ତିଗତ ଓକିଲ ଜଣେ ପର୍ଣ୍ଣଷ୍ଟାର ଷ୍ଟର୍ମି ଡାନିଏଲଙ୍କୁ ଅର୍ଥ ପ୍ରଦାନ କରିଥିବା ଘଟଣାରେ ଦୀର୍ଘ ଏକ ବର୍ଷ ତଦନ୍ତ କରାଯିବା ପରେ ନ୍ୟୁୟର୍କରେ ଟ୍ରମ୍ପଙ୍କୁ ଅଭିଯୁକ୍ତ କରାଯାଇଛି । ଟ୍ରମ୍ପଙ୍କ ସହିତ ଥିବା ଅନୈତିକ କଥା ପ୍ରଘଟ ନକରିବା ପାଇଁ ଷ୍ଟର୍ମି ଡାନିଏଲଙ୍କୁ ୧ ଲକ୍ଷ ୩୦ ହଜାର ଟଙ୍କା ଦିଆଯାଇଥିବା କଥା ତଦନ୍ତରୁ ଜଣାପଡ଼ିବା ପରେ ଗ୍ରାଣ୍ଡ ଜୁରି ଟ୍ରମ୍ପଙ୍କୁ ଅଭିଯୁକ୍ତ କରାଯିବା ସପକ୍ଷରେ ଭୋଟ୍ ଦେଇଛନ୍ତି । ୨୦୨୪ରେ ରିପବ୍ଲିକାନ ପାର୍ଟିରୁ ପୁଣି ରାଷ୍ଟ୍ରପତି ଭାବେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଚାହୁଥିବା ଟ୍ରମ୍ପ କିନ୍ତୁ ଏହି ତଦନ୍ତକୁ ରାଜନୈତିକ ଆକ୍ରୋସ ବୋଲି କହିଛନ୍ତି ।

୪ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହେଲା ବଜେଟ୍ ଅଧିବେଶନ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ବିଧାନସଭାର ବଜେଟ୍ ଅଧିବେଶନ ଶୁକ୍ରବାର ଶେଷ ହୋଇଛି । ବଜେଟ୍ ଅଧିବେଶନର ୪ଟି କାର୍ଯ୍ୟ ଦିବସ ବାକି ଥିବା ବେଳେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ କରିଛନ୍ତି । ଏହି ଅଧିବେଶନ ଆସନ୍ତା ଏପ୍ରିଲ ୬ ତାରିଖରେ ଶେଷ ହେବାର ଥିଲା । ଏହି ଅଧିବେଶନ ଦୁଇଟି ପର୍ଯ୍ୟାୟରେ ମୋଟ ୨୩ଟି କାର୍ଯ୍ୟ ଦିବସ ଚାଲିଥିଲା । ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଏହି ଅଧିବେଶନରେ ପାରିତ ହୋଇଥିଲା । ଶେଷ ଦିନରେ ରାଜ୍ୟ ସରକାର ଗୃହରେ ଉପସ୍ଥାପନ କରିଥିବା ତିନୋଟି ବିଲ୍‌କୁ ପ୍ରତ୍ୟାହାର କରି ନେଇଥିଲେ । ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ କାଳରେ ଗୃହରେ ୬ଜଣ ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକପ୍ରସ୍ତାବ ପାରିତ ହୋଇଥିଲା । ଏହି ଅଧିବେଶନ କାଳରେ ନବ ଦାସ ହତ୍ୟା ମାମଲାର ତଦନ୍ତ ଆଦି ପ୍ରସଙ୍ଗରେ ଆଗତ ଗୋଟିଏ ମୋସନ୍ ଉପରେ ଆଲୋଚନା ସହ ଗୋଟିଏ

ନବ ଦାସଙ୍କ ଝିଅ ଦୀପାଳିଙ୍କୁ ଟିକେଟ୍ ଦେଲା ବିଜେଡି

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ଯାହା ଚର୍ଚ୍ଚା ହେଉଥିଲା ତାହା ସତ ହୋଇଛି । ଝାରସୁଗୁଡା ଉପନିର୍ବାଚନ ପାଇଁ ଦିବଙ୍ଗତ ମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ଟିକେଟ ଦେଇଛି ବିଜେଡି । ଦୀପାଳି ଦାସଙ୍କ ନାଁକୁ ଦଳ ପକ୍ଷରୁ ଆଜି ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି । ତେବେ ନବ ଦାସଙ୍କ ହତ୍ୟା ପରେ ଦୀପାଳିଙ୍କୁ ବିଜେଡି ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଥିଲା । ଦିପାଳୀ ବି ନିର୍ବାଚନ ମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସକ୍ରିୟ ଥିଲେ । ତେବେ ବିଜେଡି ଦିପାଳୀଙ୍କୁ ପ୍ରାର୍ଥୀ କରିବା ପରେ, ବିଜେପି ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ ସେ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ଝାରସୁଗୁଡା ଉପ ନିର୍ବାଚନ ତାରିଖ ଘୋଷଣା ହେବାର ଦିନକ ପରେ ପ୍ରାର୍ଥୀ ଘୋଷଣା କରିଛି ବିଜୁ ଜନତା ଦଳ । ଯାହା ଅନୁମାନ କରାଯାଉଥିଲା ତାହା ହିଁ ହୋଇଛି । ଦିବଙ୍ଗତ ମନ୍ତ୍ରୀ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରିଛି ବିଜେଡି । ଏନେଇ ବିଧିବଦ୍ଧ ଚିଠି ଜାରି କରି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବିଜେଡି ସୁପ୍ରିମୋ । ତେବେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ▶▶ପୃଷ୍ଠା ୭

ସମ୍ବଲପୁରରେ କେନାଲକୁ ଖସିପଡିଲା ବରଯାତ୍ରୀ ଗାଡି, ୭ ମୃତ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ଅଶୁଭ ଶୁକ୍ରବାର । ଏକାସାଙ୍ଗରେ ଚାଲିଗଲା ୭ଜଣଙ୍କ ଜୀବନ । ବରଯାତ୍ରୀ ହେଲା ଶେଷଯାତ୍ରା । ଝିଅ ଘର ଠାରୁ ମାତ୍ର ୨ କିଲୋମିଟର ଦୂରରେ, ଭୋଜି ଭାତ ଖାଇ ଫେରୁଥିବା ବେଳେ ଭାରସାମ୍ୟ ହରାଇ ସମ୍ବଲପୁର ଶାସନ କେନାଲର ଭିତରକୁ ଖସିପଡ଼ିଥିଲା ଗାଡ଼ି । ନିମିଷେକେ ସବୁକିଛି ହୋଇଯାଇଥିଲା ଅନ୍ଧାର । ଆଉ ବରଯାତ୍ରୀ ହୋଇ ଯାଇଥିବା ୭ଜଣଙ୍କ ଜୀବନ ଅକାଳରେ ଚାଲିଯାଇଛି । ସମ୍ବଲପୁର ପରମାଣପୁରରୁ ଆସିଛି ଏମିତି କିଛି ଦୁଃଖଦ ଖବର । ତେବେ ଅଘଟଣର ମାତ୍ର କିଛି ଘଣ୍ଟା ଆଗରୁ ସେଠି ଉତ୍ସାହ ଥିଲା । ଶୋଭାଯାତ୍ରା ଚାଲିଥିଲା । ବେଶ ଖୁସିରେ ନାଚି ନାଚି ବରଯାତ୍ରୀ ଯାଉଥିଲେ । ହେଲେ ଯେଉଁମାନେ ଏହି ବରଯାତ୍ରୀରେ ନଜର ଆସିଥିଲେ, ସେମାନଙ୍କ ମଧ୍ୟରୁ ୭ଜଣ ଆଉ ଏହି ଦୁନିଆରେ ନାହାଁନ୍ତି । ଏବେ ଖାଁ ଖାଁ ଗାଁ । ଶୂନସାନ ▶▶ପୃଷ୍ଠା ୭

ଗଣତନ୍ତ୍ରରେ ପ୍ରଶ୍ନ କରିବା ପାଇଁ ଓଡ଼ିଆ ଲୋକମାନେ ଆମକୁ ଦାୟିତ୍ୱ ଦେଇଛନ୍ତି : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ରାଜ୍ୟ ସରକାର ଓ ଶାସକ ଦଳର ନେତାଙ୍କୁ ଓଡ଼ିଶାର ଅପରାଧ ଓ ଅନ୍ୟାନ୍ୟ ସମସ୍ୟା ନେଇ ଆମ ଦଳ ପକ୍ଷରୁ ପ୍ରଶ୍ନ ପଚାରିଲେ ରାଜନୀତି କରାଯାଉଥିବା ଉତର ଆସୁଛି । ଗଣତନ୍ତ୍ରରେ ପ୍ରଶ୍ନ କରିବା ପାଇଁ ଓଡ଼ିଆ ଲୋକମାନେ ଆମକୁ ଦାୟିତ୍ୱ ଦେଇଛନ୍ତି ଏବଂ ଏହାକୁ ଆମେ ଜାରି ରଖିବୁ ବୋଲି ଶୁକ୍ରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗ ଦେବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାରେ ଅପରାଧିକ ପ୍ରବଣତା ବଢିଥିବା ବେଳେ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ସତ ଶୁଣିବାକୁ ସାହସ ନାହିଁ । ରାଜନୀତି କରିବା କଥା କହୁଛନ୍ତି । ଶାସନ କରୁଥିବା ଲୋକମାନେ ଇଷ୍ଟ ଇଣ୍ଡିଆ ଭଳି କଥା କହୁଛନ୍ତି । ଓଡ଼ିଶାର ସରକାରଙ୍କ ଶାସନର ଚାବି ଅସମାନ୍ୟଧାନିକ ଲୋକଙ୍କ ପାଖରେ ଅଛି ।

DADLS-99

ବନ୍ଦେ ଉତ୍କଳ ଜନନୀ

ସତ୍ୟମେବ ଜୟତେ

ପବିତ୍ର ଉତ୍କଳ ଦିବସ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଉତ୍କଳ ଦିବସ-୨୦୨୩ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ରାଜ୍ୟପାଳ, ଓଡ଼ିଶା

OIPR : 15001/13/0286/2223

DADLS-99



ବନ୍ଦେ ଉତ୍କଳ ଜନନୀ

ଓଡ଼ିଶା ସରକାର

ଓଡ଼ିଶା ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗରେ ଓଡ଼ିଶା ଆଜି ବିଭିନ୍ନ କ୍ଷେତ୍ରରେ ସଫଳତାର ନୂଆ ପରିଚୟ ନେଇ ଆଗକୁ ବଢୁଛି । ଆସନ୍ତୁ, ଏହି ଧାରାକୁ ଆହୁରି ଆଗକୁ ନେବା ଓ ଶ୍ରେଷ୍ଠ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

ବନ୍ଦେ ଉତ୍କଳ ଜନନୀ

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0286/2223

DADLS-99



ଓଡ଼ିଶା ଦିବସ ୨୦୨୩
ପାଳନ ଅବସରରେ ବାର୍ତ୍ତା

ଆମ ରାଜ୍ୟରେ ଗୌରବମୟ ଇତିହାସର ସ୍ମୃତିଚାରଣ ହେଉଛି ଓଡ଼ିଶା ଦିବସ ପାଳନର ଆଭିମୁଖ୍ୟ । ଆଜିର ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଁ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାମନୀଷୀମାନଙ୍କୁ ମୁଁ ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚିତ ରହିଛି । ଏସବୁର ସଂରକ୍ଷଣ ଓ ସମୃଦ୍ଧି ସହ ଓଡ଼ିଶାର ଗୌରବକୁ ସାରା ବିଶ୍ୱରେ ପହଞ୍ଚାଇବା ନିମନ୍ତେ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ଶପଥ ନେଇ କାର୍ଯ୍ୟ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0286/2223

ବଲାଣି ଖଣି ପକ୍ଷରୁ ଦିବ୍ୟାଙ୍ଗ ଓ ବରିଷ୍ଠ ଜନଙ୍କୁ ନିଃଶୁଳ୍କ ସହାୟକ ଉପକରଣ ପ୍ରଦାନ ସମାରୋହ

ବଲାଣି, ୩୧/୦୩ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ତଥା ମହାରତ୍ନ କମ୍ପାନୀ ଭାରତୀୟ ଇସ୍ପାତ ପ୍ରାଧିକରଣ (ସେଲ୍) ଅନ୍ତର୍ଗତ ବଲାଣି ଲୌହ ଖଣିର ଔଦ୍ୟୋଗିକ ସାମାଜିକ ଦାୟିତ୍ୱ (ସି ଏସ୍ ଆର)ପରିଯୋଜନା ଅଧିନରେ ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ଖଣିର ପାରିପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମର ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକଙ୍କ ନିମନ୍ତେ ସହାୟକ ଉପକରଣ ପ୍ରଦାନ କରିବାରେ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଛି । ଏହି କ୍ରମରେ ଗୁରୁବାର ସ୍ଥାନୀୟ ଜବାହରଲାଲ ନେହେରୁ ଚିତବିନୋଦନ କେନ୍ଦ୍ର ଠାରେ ଖଣିର ସି ଏସ୍ ଆର୍ ବିଭାଗ ପକ୍ଷରୁ ଦିବ୍ୟାଙ୍ଗଜନ ଓ ବରିଷ୍ଠ ନାଗରିକ ନିମନ୍ତେ ସହାୟକ ଉପକରଣ ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ଖଣି ପକ୍ଷରୁ ୩୦ ଜଣ ବରିଷ୍ଠ ନାଗରିକ ଓ ୩୪ ଜଣ ଦିବ୍ୟାଙ୍ଗଜନଙ୍କୁ ମୋଟ ୭,୨୫,୧୯୦ ଟଙ୍କାର ଉପକରଣ ପ୍ରଦାନ କରାଯାଇଥିଲା । ଯେଉଁଥିରେ ଦିବ୍ୟାଙ୍ଗଜନ ପାଇଁ ୩ଚକିଆ, ହ୍ୱିଲ୍ ଚେୟାର, ଏଲବୋ କ୍ରଚ୍, ଚାଲିବା ସହାୟକ ବାଡ଼ି, କାଖ ବାଡ଼ି, ବ୍ରାଏଲ କେନ୍, ଏମ ଏସ୍ ଆଇ ଇଡି କିଟ, ସ୍ମାର୍ଟ କେନ୍, ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗ ରହିଥିବା ବେଳେ ବରିଷ୍ଠ ନାଗରିକଙ୍କ ନିମନ୍ତେ କମୋଡ଼ ହ୍ୱିଲ୍ ଚେୟାର, ସାଧାରଣ ହ୍ୱିଲ୍ ଚେୟାର, ଚାଲିବା ସହାୟକ ବାଡ଼ି, ଏଲ ଏସ୍ ବେଲ୍ଟ, ନି ବ୍ରେସ , ଫୁଟ କେୟାର ୟୁନିଟ, ଶ୍ରବଣ ଯନ୍ତ୍ର, ଟ୍ରାଇପଡ଼ ଓ ଟେଟ୍ରା ପୋଡ଼ ଆଦି ବିତରଣ କରାଯାଇଥିଲା । ବଲାଣି ଖଣିର ସି ଏସ୍ ଆର୍ ମୁଖ୍ୟ ତଥା ସିଭିଲ ବିଭାଗର ଉପମହାପ୍ରବନ୍ଧକ ଉମେଶ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଖଣିର ପ୍ଲାଂଟ ବିଭାଗର ମହାପ୍ରବନ୍ଧକ ବୁଦ୍ଧଦେବ ନଏକ, ପ୍ରୋଜେକ୍ଟ ବିଭାଗର ମହାପ୍ରବନ୍ଧକ ରାହୁରାଜ ମଣ୍ଡଳ, କଂଟ୍ରାକ୍ଟ ସେଲ୍ ର ମହାପ୍ରବନ୍ଧକ ଗୁରୁଚରଣ ହେମ୍ବ୍ରମ, ବାଲାଗୋଡ଼ା ପଂଚାୟତର ସରପଂଚ ଗୌରୀ ଖୁଂଟିଆ, ବଲାଣି ଖଣି ପ୍ରବନ୍ଧକ ବିଭୁତି ନାରାୟଣ ସିଂହ , ଉତ୍କର୍ଷ ଗୌରବ, ଡା. ସୁନୀଲ କୁମାର, ଡା. ରାଜୀବ କୁମାର, ମହିଳା ସମିତି ସଦସ୍ୟା ଶ୍ରୀମତୀ ପ୍ରସାଦ, ବାଲାଗୋଡ଼ା ସରପଂଚ ପ୍ରତିନିଧି ଅମରିତ ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଖଣିର ପରିବେଶ ବିଭାଗର ଅଧିକାରୀ ତାପସ ରଞ୍ଜନ ସାହୁ ମଂଚ ପରିଚାଳନା କରିଥିବା ବେଳେ ସିଭିଲ ବିଭାଗର ଅଧିକାରୀ ସଂଜୀବ କୁମାର କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ ।

ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ଦିବ୍ୟାଙ୍ଗ ଦିବସ ଅବସରରେ ବଲାଣି ଖଣି ପକ୍ଷରୁ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ଟଙ୍କା ଉର୍ଦ୍ଧ୍ୱର ଦିବ୍ୟାଙ୍ଗ ସହାୟକ ଉପକରଣ ବିତରଣ କରାଯାଇଥିଲା । ଯେଉଁଥିରେ ଖଣିର ପାରିପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମର ୩୯ଜଣ ଦିବ୍ୟାଙ୍ଗ ହିତାଧିକାରୀ ସିଧାସଳଖ ଭାବେ ଉପକୃତ ହୋଇଥିଲେ ।

ଚିନ୍ତା ବଢ଼ାଇଲାଣି ଜିରା, ଚାରି ମାସରେ ବଢିଲାଣି ୧୭୫ ଟଙ୍କା: ପ୍ରଭାବିତ ହେବ ମସଲା ବ୍ୟବସାୟ

କଟକ , ୩୧/୦୩ (ନି.ପ୍ର): ଜିରା କିଲୋ ଏବେ ମାଲଗୋଦାମରେ ୩୭୫ ଟଙ୍କା । ପୂର୍ବରୁ କୌଣସି ସମୟରେ ବି ଜିରା ଦର ଏତେ ଟଙ୍କା ହୋଇ ନଥିଲା ବୋଲି ବ୍ୟବସାୟୀମାନେ କହୁଥିବା ବେଳେ ଏହାକୁ ନେଇ ଚିନ୍ତା ବଢିବାରେ ଲାଗିଛି । ଚଳିତ ବର୍ଷ ଜିରା ଫସଲ ଉଜୁଡ଼ି ଥିବାରୁ କିଲୋ ୪୦୦ ଟଙ୍କା ଟପିବା ନେଇ ଆଶଙ୍କା କରାଯାଉଛି । ଜିରାର ଏଭଳି ମୂଲ୍ୟ ବୃଦ୍ଧି ଦ୍ୱାରା ମସଲା ବ୍ୟବସାୟ ବି ପ୍ରଭାବିତ ହେବା ଆଶଙ୍କା କରାଯାଉଛି ।

ସୂଚନା ଅନୁଯାୟୀ, ଗୁଜୁରାଟର ଉଞ୍ଜା ଓ ରାଜସ୍ଥାନର ନାଗରରୁ ମାଲଗୋଦାମକୁ ଜିରା ଆମଦାନୀ ହୁଏ । ମାଲଗୋଦାମକୁ ଜିରା ଦୈନିକ ୨୦ ଟନ୍ ଆମଦାନୀ ହୋଇଥାଏ । ମାଲଗୋଦାମର ପ୍ରାୟ ୧୫ ଜଣ ଜିରା ବ୍ୟବସାୟୀ ଏହାକୁ ଉପରୋକ୍ତ ଜିଲ୍ଲାର ଖୁଚୁରା ବ୍ୟବସାୟୀଙ୍କୁ ଚାଲାଣ କରିଥାନ୍ତି । ତେବେ ଜିରା କେଜି ପିଛା ପୂର୍ବରୁ ସର୍ବାଧିକ ୨୪୦ରୁ ୨୫୦ ଟଙ୍କା ମୂଲ୍ୟ ରହୁଥିଲା ।

ମାଲଗୋଦାମରେ ଗଲା ୪ ମାସ ତଳେ ଜିରା ୨୦୦ ଟଙ୍କା କେଜି ବିକ୍ରି ହେଉଥିଲା । ଏବେ ମାଲଗୋଦାମରେ ୨୦୨୨ ବର୍ଷର ଗଚ୍ଛିତ ଥିବା ପୁରୁଣା ଜିରା ବିକ୍ରି ହେଉଛି । ଚଳିତ ବର୍ଷ କାଳ ବୈଶାଖୀ ଯୋଗୁଁ ଗୁଜୁରାଟ ଓ ରାଜସ୍ଥାନରେ ଜିରା ଫସଲ ଉଜୁଡ଼ି ଯାଇଛି । ଫଳରେ ଜିରା ଉତ୍ପାଦନରେ ବଡ଼ ଧରଣର ପ୍ରଭାବ ପଡ଼ିଛି । ମାଲ୍ ପର୍ଯ୍ୟାପ୍ତ ପରିମାଣରେ ନଥିବାରୁ ଜିରା କେଜି ପିଛା ଗଲା ଚାରି ମାସ ଭିତରେ ୧୭୫ ଟଙ୍କା ବୃଦ୍ଧି ପାଇଛି । ଜିରା ଭଳି ପାନ ମଧୁରୀ ଦର ମଧ୍ୟ ବୃଦ୍ଧି ଘଟିଛି । ପାନ ମଧୁରୀ କେଜି ପିଛା ୧୫୦ ଟଙ୍କାରୁ ବୃଦ୍ଧି ପାଇ ଏବେ ୧୮୦ ଟଙ୍କାରେ ପହଞ୍ଚିଛି । ଗଲା ଏକ ବର୍ଷ ହେବ ଏହି ମୂଲ୍ୟ ବୃଦ୍ଧି ପାଇଛି । ପାନ ମଧୁରୀ ପୁରୁଣା ମାଲ୍ ଏହି ଦରରେ ବିକ୍ରି ହେଉଛି । ଜିରା ଭଳି ପାନ ମଧୁରୀ ବି ଯଦି ଉତ୍ପାଦନରେ ବୃଦ୍ଧି ନଘଟେ ତାହାର ଆହୁରି ମୂଲ୍ୟ ବୃଦ୍ଧି ଆଶଙ୍କା କରାଯାଉଛି ।

ମାଲଗୋଦାମ ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇଙ୍କ କହିବା ଅନୁଯାୟୀ, ଜିରା ଦର ଏବେ କେଜି ପିଛା ୩୭୦ରୁ ୩୭୫ ଟଙ୍କା ରହିଛି ।

କାୟାକଳ୍ପ ପୁରସ୍କାର, ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ

ମାଲକାନଗିରି, ୩୧/୦୩ (ନି.ପ୍ର): ରାଜ୍ୟରେ କାୟାକଳ୍ପରେ ପ୍ରଥମ ସ୍ଥାନ ଅଧିକାର କଲା ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ । ଉପଖଣ୍ଡ ଚିକିତ୍ସାଳୟରେ ମାଥିଲି ମଧ୍ୟ ଚଳିତବର୍ଷ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏହାକୁ ନେଇ ସଦରମହକୁମା ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ପ୍ରଫୁଲ୍ଲ କୁମାର ନନ୍ଦ କେକ କାଟି ଖୁସି ବ୍ୟକ୍ତ କରିଛନ୍ତି । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ ଡାକ୍ତର ଅନିଲ୍ କୁମାର ମିଶ୍ର, ହସ୍ପିଟାଲ ପରିଚାଳକ, ସମସ୍ତ ଡାକ୍ତର, ନର୍ସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ ପଦାଧିକାରୀ ଏବଂ ସମସ୍ତ କର୍ମଚାରୀ ଖୁସି ମନେଇଛନ୍ତି !ଚଳିତ ବର୍ଷ ରାଜ୍ୟର ୬ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଛନ୍ତି । ସେଥିମଧ୍ୟରୁ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା,ଏମଭି ୭୯ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନାଁ ଏହି ତାଲିକାରେ ସାମିଲ ରହିଛି । ତେବେ କାୟାକଳ୍ପରେ ତୃତୀୟ ଥର ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ବିଜୟ ଲାଭ କରିଛି । ଆଗକୁ ମାଲକାନଗିରି ଜିଲ୍ଲା ଜାତୀୟ ସ୍ତରରେ ପୁରସ୍କୃତ ହେବା ପାଇଁ ଲକ୍ଷ୍ୟ ରଖିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ କୁମାର ନନ୍ଦ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ୨୦୨୨ ମସିହାରେ କୁଡୁମୁଲୁଗୁମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ ସ୍ଥାନ ଗ୍ରହଣ କରିଥିଲା । ସେହିଭଳି ୨୦୨୧ ମସିହାରେ ମଧ୍ୟ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କାୟାକଳ୍ପରେ ପ୍ରଥମ ସ୍ଥାନ ଗ୍ରହଣ କରିଥିଲା !

ସୂଚନା ଅଧିକାର କର୍ମୀଙ୍କୁ ହତ୍ୟା ଧମକ ଜାତିଆଣ ଆକ୍ଷେପ

ବଲାଙ୍ଗିର, ୩୧/୦୩ (ନି.ପ୍ର): ସୂଚନା ଅଧିକାରକର୍ମୀ ମଙ୍ଗନ ରାଏଙ୍କୁ ହତ୍ୟା ଧମକ ତଥା ଜାତିଆଣ ଆକ୍ଷେପ କରାଯାଇଥିବା ନେଇ ଦୁଇ ଦିନ ତଳେ ଏହି ବିଷୟରେ ସେ ଦେଓଗାଁ ଥାନା ଅଧିକାରୀ ତଥା ବଲାଙ୍ଗିର ଆରକ୍ଷୀ ଅଧିକ୍ଷକଙ୍କୁ ଏ ବିଷୟରେ ଅଭିଯୋଗ କରିଥିଲେ । କିନ୍ତୁ ଉକ୍ତ ବ୍ୟକ୍ତି ଆଜି ସକାଳୁ ପୁଣି ଫୋନ କରି ତାଙ୍କୁ ଧମକ ଚମକ ଦେଇଥିବା ନେଇ ଶ୍ରୀ ରାଏ ଅଭିଯୋଗ କରିବା ସହ ଉକ୍ତ ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ତାଙ୍କର ଜୀବନ ପ୍ରତି ଯଥେଷ୍ଟ ଭୟ ରହିଛି ବୋଲି କହିଛନ୍ତି । ଆହୁରି ଉକ୍ତ ବ୍ୟକ୍ତି ଜଣକ ଶିକାଛିଡା ଗ୍ରା.ପ ଅଧିନସ୍ଥ ଭାନପୁର ବାସିନ୍ଦା ଓ ଜଣେ ସରକାରୀ କର୍ମୀ ବୋଲି ଶ୍ରୀ ରାଏ ସୂଚନା ଦେଇଛନ୍ତି ।

ସୂଚନା ମୁତାବକ ଶିକାଛିଡ ପଂଚାୟତ ଭାନପୁର ଗ୍ରାମର ମନରେଗା ଯୋଜନାରେ ଅନେକ ଦୁର୍ନୀତି ହୋଇଛି । ମନରେଗା କାମରେ କେତେକ ଆର୍ଥିକ ରୁପେ ସ୍ୱଚ୍ଛଳ, ତଥା ଗ୍ରାମରେ ବସବାସ କରୁନଥିବା ବ୍ୟକ୍ତିଙ୍କ ନାଁ ଚଢାଇ ବେଆଇନ ଭାବେ ଅର୍ଥ ହେରଫେର କରାଯାଇଛି ବୋଲି ଏହାକୁ ଉତ୍‌ଥାପନ କରିବା ଓ ଘଟଣା ସଂପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ଶ୍ରୀ ରାଏ ଗତ ୨୨ ତାରିଖରେ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ । ସେହି ପତ୍ରରେ ଉକ୍ତ ବ୍ୟକ୍ତିର ପିତା ଜଣେ କିରାନା ଦୋକାନୀ ହୋଇଥିବା ବେଳେ ମନରେଗାରେ ସେ କାମ ନକରି ତାଙ୍କ ନାଁରେ ପଇସା ଉଠାଯାଇଥିବା ଉଲ୍ଲେଖ କରିଥିଲେ । ଯାହାର ସରକାରୀ ନକଲ ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ତେବେ ଏହି ଘଟଣାରେ ଉକ୍ତ ବ୍ୟକ୍ତି ଜଣକ ଉତ୍କ୍ଷିପ୍ତ ହୋଇ ଶ୍ରୀ ରାଏଙ୍କୁ ଫୋନରେ ବାରମ୍ବାର ଧମକ ଦେବା ସହ ଜାତିଆଣ ଅକ୍ଷେପ କରିଥିଲା । ଯାହାକୁ ନେଇ ଶ୍ରୀ ରାଏ ଗତ ୨୮ ତାରିଖରେ ଦେଓଗାଁ ଥାନା ଅଧିକାରୀଙ୍କୁ ଲେଖି ଜଣାଇଥିଲେ । କିନ୍ତୁ ୩୦ ତାରିଖ ସକାଳୁ ପୁଣି ସେହି ବ୍ୟକ୍ତି ହତ୍ୟା ଧମକ ସହ ଜାତିଆଣ ଆକ୍ଷେପ କରିଥିବା ଶ୍ରୀ ରାଏ ଅଭିଯୋଗ କରିବା ସହ ଉକ୍ତ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ କରିଛନ୍ତି । ତବେ ପୋଲିସ ଘଟଣାର ତୁରନ୍ତ ଅନୁସନ୍ଧାନ କଲେ, ଅଭିଯୋଗ ମୁତାବକ ଶ୍ରୀ ରାଏ ସୁରକ୍ଷିତ ଅନୁଭବ କରିବା ସହ ଘଟଣାର ସତ୍ୟାସତ୍ୟ ଉଜାଗର ହେବ ବୋଲି କହିଛନ୍ତି ।

ପୋଲିସର କାର୍ଯ୍ୟାନୁଷ୍ଠାନର ଟାଳଟୁଳ ନୀତିକୁ ନେଇ ପ୍ରଶ୍ନ ଉଠାଇଲେ ସରପଂଚ

ଥାନା ସମ୍ମୁଖରେ ଧରଣାରେ ବସିବା ନେଇ ଦେଲେ ଚେତାବନୀ

ଧର୍ମଶାଳା, ୩୧/୦୩ (ନି.ପ୍ର): ସାଧାରଣ ଲୋକଙ୍କୁ ତୁରନ୍ତ ନ୍ୟାୟ ଦେବା ଲାଗି ସରକାର ମୋ ପୋଲିସ ସମିତି ଗଠନ କରି ସଚେତନ କରାଉଛନ୍ତି । ହେଲେ ବାସ୍ତବରେ ପୋଲିସ ଜନସାଧରଣଙ୍କୁ ନ୍ୟାୟ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଫଳରେ ନ୍ୟାୟ ପାଇଁ ବାରମ୍ବାର ଥାନାର ଦ୍ୱାରସ୍ଥ ହେଲେ ମଧ୍ୟ ନ୍ୟାୟ ମିଳୁନି । ଯାହାକୁ ନେଇ ପୋଲିସ ତଦନ୍ତର ବିଳମ୍ବ ନେଇ ପ୍ରଶ୍ନ ଉଠାଇଛନ୍ତି ମହିଳା ଲୋକ ପ୍ରତିନିଧି । ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଂଚାୟତର ସରପଂଚଙ୍କୁ ମାଡ ମାରିବା ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତ ନିକଟରେ ପଂହଚି ପାରି ନାହିଁ । ଜଣେ ଲୋକ ପ୍ରତିନିଧିଙ୍କୁ ନ୍ୟାୟ ମିଳୁ ନାହିଁ ତେବେ ପୋଲିସ ସାଧାରଣ ଲୋକଙ୍କୁ କି ନ୍ୟାୟ ଦେଉଥିବ, ପୋଲିସ କାହା ଚାପରେ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ ଯାହାକୁ ନେଇ ଏକ ସମ୍ମାଦିକ ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି ମହିଳା ସରପଂଚ ସ୍ୱର୍ଣ୍ଣଲତା ସାହୁ । ବ୍ରହ୍ମବରଦା ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନ ନେବାରୁ ସରପଂଚ ଓ ତାଙ୍କ ସମର୍ଥକ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନାହିଁ । ୨ ଦିନ ଭିତରେ ପୋଲିସ କୌଣସି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଏପ୍ରିଲ ମାସ ୩ ତରିଖ ଦିନ ସ୍ୱର୍ଣ୍ଣଲତା ଓ ତାଙ୍କର ସମର୍ଥକଙ୍କ ସହ ବ୍ରହ୍ମବରଦା ଥାନା ଆଗରେ ନ୍ୟାୟ ପାଇବା ଦାବି ନେଇ ଧାରଣାରେ ବସିବାକୁ ଏହି ସମ୍ମାଦିକ ସମ୍ମଳନୀରେ ସେ ଚେତାବନୀ ଦେଇଛନ୍ତି ।

ଅଭିଯୋଗ ମୁତାବକ,ଚଳିତ ମାସ ୨୧ ତାରିଖ ଦିନ ରାଉତରାପୁରରେ ଏକ ବିବାଦୀୟ ଜମିକୁ ଜିଲା ପ୍ରଶାସନ ତରଫରୁ ଏଡିଏମ୍ ଓ ରସୁଲପୁର ତହସିଲଦାର ତଦନ୍ତ ପାଇଁ ଆସିଥିଲେ । ପ୍ରଶାସନ ରାଉତରାପୁର ସରପଂଚ ସ୍ୱର୍ଣ୍ଣଲତା ସାହୁ ଓ ତାଙ୍କ ସ୍ୱାମୀ ପ୍ରତାପ ସାହୁଙ୍କ ସହ ଏହି ବିବାଦୀୟ ଜମି ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଶାସନ ତଦନ୍ତ କରି ଫେରିବା ପରେ ସରପଂଚ ଓ ତାଙ୍କ ସ୍ୱାମୀ ଘରକୁ ଫେରୁଥିବା ସମୟରେ ସେହି ରାଉତରାପୁର ଗ୍ରାମର ପ୍ରଭାତ ପୃଷ୍ଟି,ପ୍ରଶାନ୍ତ ପୃଷ୍ଟି,କାଶୀନାଥ ପୃଷ୍ଟି,ତେଲୋକ୍ର ପୃଷ୍ଟି,ଅଶୋକ ପୃଷ୍ଟି ,ମଦନ ସାହୁ ଓ ସାଧୁ ଚରଣ ସାହୁ ମିଶି ସେମାନଙ୍କୁ ବାଟରେ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଳଜ କରିବା ସହ ମାଡ ମାରି ସୁନାଚେନ ଓ ଲକେଟ ଛଡାଇ ନେଇଥିଲେ । ଗୁରୁତର ଅବସ୍ଥାରେ ଦୁହେଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିବା ପରେ ବ୍ରହ୍ମବରଦା ଥାନାରେ ଏତଲା ଦେଇଥିଲେ । ହେଲେ ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଇ ନାହିଁ । ଅନ୍ୟ ପକ୍ଷେ ଏହି ଘଟଣାରେ ଉଭୟ ପକ୍ଷରୁ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇଛି । ଏହି ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ବ୍ରହ୍ମବରଦା ପୋଲିସ କହିଛି ।

ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ ପରାମର୍ଶ

୧. ଉତ୍ତମ ଫସଲ ଓ ଜମିର ସୁରକ୍ଷା ପାଇଁ ମୃତ୍ତିକା ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ରାସାୟନିକ ସାର ପ୍ରୟୋଗ କରାନ୍ତୁ ।

୨. ଅଧିକ ଅମଳ ପାଇବା ପାଇଁ ଶଙ୍କର ଜାତୀୟ ବିହନ, ଅଧିକ ଅମଳକ୍ଷମ ବିହନ ପଞ୍ଜିକୃତ ବିହନ ବିକ୍ରୟ କେନ୍ଦ୍ରରୁ କ୍ରୟ କରନ୍ତୁ ।

୩. ଫସଲରେ ସମନ୍ୱିତ ଖାଦ୍ୟସାର ଓ ରୋଗ ପୋକ ପରିଚାଳନା କରନ୍ତୁ ।

୪. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଯନ୍ତ୍ରପାତି କିଣିବାରେ ସୁଯୋଗ ନିଅନ୍ତୁ ଏବଂ କୃଷି ଓ ଆନୁସଙ୍ଗୀକ କାର୍ଯ୍ୟର ଉଦ୍ୟୋଗୀକରଣ କରାନ୍ତୁ ।

୫. ବଳରାମ ଯୋଜନାରେ ଭାଗଚାଷୀ ଭାଇମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି **NABARD** ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥୀଙ୍କ ସହ ପରାମର୍ଶ କରନ୍ତୁ ।

୬. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି । **ATMA** ଯୋଜନାରେ ମହିଳା ଗୋଷ୍ଠୀଙ୍କୁ ଦିଆଯାଉଥିବା ବିହନ ମୂଲ୍ୟ ଟଙ୍କା, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଏବଂ ମନରେଗା ଯୋଜନା ମାଧ୍ୟମରେ ହେଉଥିବା କାର୍ଯ୍ୟ ଗୁଡ଼ିକର ତଦାରଖ କରିବା ବାବଦକୁ ଉଦ୍ଦିଷ୍ଟ ଆର୍ଥିକ ସହାୟତାର ସୁଯୋଗ ନିଅନ୍ତୁ । ଏଥିପାଇଁ ବ୍ଲକ୍ କୃଷି ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହିତ ପରାମର୍ଶ କରନ୍ତୁ ।

୭. ସମନ୍ୱିତ କୃଷି ପ୍ରଣାଳୀ (**IFS**)ର ସୁବିଧା ସୁଯୋଗ ନେବା ପାଇଁ ବ୍ଲକ୍ କୃଷିଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

୮. ଚାଷୀଭାଇମାନଙ୍କୁ ଅନୁରୋଧ ସେମାନେ ମୋ ସେବା କେନ୍ଦ୍ରକୁ ଯାଇ ତାଙ୍କ ନାମକୁ 'କୃଷକ ଓଡ଼ିଶା' ଏବଂ 'ଗୋ ସୁଗମ' ପୋର୍ଟାଲରେ ତୁରନ୍ତ ପଞ୍ଜିକୃତ କରି ସରକାରୀ ସୁବିଧା ସୁଯୋଗ ନିଅନ୍ତୁ ।

୯. କୃଷି ଓ କୃଷି ଉଦ୍ୟୋଗ ଋଣ ପାଇଁ ସଫଳ (**SAFAL**) ପୋର୍ଟାଲରେ ଆବେଦନ କରନ୍ତୁ । ଏଥିପାଇଁ ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ବାଲେଶ୍ୱର ।

ଗୋପାଳନ କରି ସ୍ୱାବଲମ୍ବୀ ହେବା ପାଇଁ କର୍ମଶାଳା

କୋରେଇ, ୩୧/୦୩ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ଅନୁଷ୍ଠାନ କୃପାଳୁ ଚ୍ୟାରିଟ ପକ୍ଷରୁ ଗୋପାଳନ କରି ସ୍ୱାବଲମ୍ବୀ ହେବା ନେଇ ଏକ କର୍ମଶାଳା ଆଜି କୃପାଳୁ ରାଇସ ଇଣ୍ଡଷ୍ଟ୍ରିଜ ପରିସରରେ ପାଳିତ ହୋଇଛି । ଗୋପାଳ କ୍ଷେତ୍ରରେ ଥିବା ରାଜ୍ୟ ସରକାରଙ୍କ ଅଭିମୁଖ୍ୟ, ସରକାରୀ ସୁବିଧା, ଋଣ, ସବସିଡ, ବୀମା ଓ ଚିକିତ୍ସା ସୁବିଧା ଆଦି ସମ୍ପର୍କରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା । କୃପାଳୁ ଚ୍ୟାରିଟର ଅଧ୍ୟକ୍ଷ ଅନିରୁଦ୍ଧ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳା ବା ସଚେତନତା ଶିବିରରେ କୃଷିବିତ୍ ଲକ୍ଷ୍ମୀଧର ସାହୁ, ଇପିକଲର ଯାଜପୁର ଜିଲ୍ଲା ସଂଯୋଜକ ଜିତେନ୍ଦ୍ର କୁମାର ଦାସ ପ୍ରମୁଖ ଯୋଗଦେ

ବିଶ୍ୱ ଉତ୍କଳ ଜନନୀ

ଧ୍ୱନି ପ୍ରତିଧ୍ୱନି

୩

♣ ବାଲେଶ୍ୱର ♣ ଶନିବାର, ୦୧ ଏପ୍ରିଲ ୨୦୨୩

ଉତ୍କଳ ଦିବସର ଅନୁଚିନ୍ତା

ବିଷ୍ଣୁ ପ୍ରସାଦ ଦାସ

ବର୍ତ୍ତମାନର ଓଡିଶା ପ୍ରଦେଶ ଅତୀତରେ କଳିଙ୍ଗ , ଉତ୍କଳ, ଉତ୍ର ଇତ୍ୟାଦି ଅନେକ ନାମରେ ପରିଚିତ ଥିଲା ସମୟ ସହିତ ତାଳଦେଇ ଅନେକ ଉତ୍ଥାନ ପତନ , ଅନେକ ଶାସକଙ୍କ ଦ୍ୱାରା ଶାସିତ ହୋଇ ଓଡିଶା ନିଜର ଗୌରବ ଆଜି ମଧ୍ୟ ବଜାୟ ରଖିଛି । ଭାରତବର୍ଷରେ ଯେତେ ରାଜ୍ୟ ଅଛି ତନ୍ମଧ୍ୟରୁ ଶାନ୍ତି ପ୍ରିୟ ରାଜ୍ୟ ହିସାବରେ ଓଡିଶା ଅନ୍ୟତମ , ଓଡ଼ିଶାର କଳା, ସଂସ୍କୃତି , ମନୋରମ ପ୍ରାକୃତିକ ପରିବେଶ , ସୁଦୀର୍ଘ ବେଳାଭୂମି , ସୁଉଚ୍ଚ ପର୍ବତମାଳା ସବୁଜ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ସମୂହ , ମନ୍ଦିର ମାଳିନୀ ସହର , ବିଶ୍ୱ ପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର , ଖଣିଜ ସମ୍ପଦରେ ପରିପୂର୍ଣ୍ଣ , କୃଷି ଶିଳ୍ପରେ ଅଗ୍ରଣୀ , ବାଣିଜ୍ୟ ବ୍ୟବସାୟର ପେଣ୍ଠ ସ୍ଥଳ ଏହି ଓଡିଶା ମାଟିରେ ଜନ୍ମିତ ଅନେକ ଗୁଣି ଜ୍ଞାନୀ ମହାନ ବ୍ୟକ୍ତିତ୍ୱଙ୍କ ସହିତ ସାଢେ ଚାରିକୋଟି ଓଡିଶା ବାସୀ ଆଜି ନିଜ ରାଜ୍ୟ ପାଇଁ ଗର୍ବିତ , ଏଠାରେ ବିଭିନ୍ନତାରେ ଏକତା ପରିଲକ୍ଷିତ ହୁଏ । ଅତୀତର ସ୍ମୃତିକୁ ଯଦି ରୋମନ୍ଥନ କରିବା ତେବେ ଓଡିଶାକୁ ଆମେ ହୃଦୟରୁ ଅଧିକରୁ ଅଧିକ ଭଲପାଇବା , କାନ୍ତକବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓଡିଶା ପ୍ରଦେଶର ରାଜ୍ୟ ସଂଗୀତ ’ ବନ୍ଦେ ଉତ୍କଳ ଜନନୀ ... କର୍ଣ୍ଣ ଗୌହରରେ ପ୍ରବେଶ କରିବା ମାତ୍ରେ ଭକ୍ତିରେ ଲୋମ ମୂଳ ଟାଙ୍କୁରି ଉଠେ, ପ୍ରଦେଶର ସ୍ୱତନ୍ତ୍ରତା ପାଇଁ ପ୍ରାଣବଳି ଦେଇଥିବା ସହିଦ , ଜୀବନକୁ ବିପନ୍ନ କରି ସଂଗ୍ରାମ କରିଥିବା ମନୀଷୀ ମାନେ ଆମର ପୂଜ୍ୟ ।

୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖ ଆଜି ଆମପାଇଁ ଏକ ସ୍ମରଣୀୟ ଦିବସ , ମିଳିତ ବିହାର ଓଡିଶା ପ୍ରଦେଶକୁ ଅଲଗା କରି ତଥା ମାଡ୍ରାସ ପ୍ରସିଡେନ୍ସି ରୁ ଗଂଜାମ ଏବଂ କୋରାପୁଟ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରାଯାଇଥିଲା । ଏଥିପାଇଁ ଅନେକ ସଂଗ୍ରାମ କରାହୋଇଛି , ଉତ୍କଳ ଗୌରବ ମଧୁସୂଦନ ଦାସ ମହାଶୟଙ୍କ ଦ୍ୱାରା ୬୨ ଜଣ କର୍ମକର୍ତ୍ତାଙ୍କୁ ନେଇ ୧୯୦୩ ମସିହାରେ ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା , ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ସଂଗ୍ରାମ, ସରକାରଙ୍କ ସହ ବାଦାନୁବାଦ , ତ୍ୟାଗ , ବଳିଦାନର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଆଜି ଗର୍ବର ସହିତ ଛିଡା ହୋଇଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ , ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରଥ, ଦିଓ୍ୱାନ ଅଥର ମହମ୍ମଦ, ସୟିଦ ମହମ୍ମଦ , ଭୁବନାନନ୍ଦ ଦାସ, ବାସୁଦେବ ସୁଡ଼ଳଦେବ ଇତ୍ୟାଦି ଅନେକ ମହାନ ଦେଶପ୍ରେମୀ ଯୋଗଦେଇଥିଲେ , ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ସେତେବେଳେ ଛଅ ଗୋଟି ଜିଲ୍ଲା ଥିଲା ସେଗୁଡିକ ହେଲା କଟକ, ପୁରୀ , ବାଲେଶ୍ୱର , ଗଂଜାମ, କୋରାପୁଟ ଏବଂ ସମ୍ବଲପୁର ଜିଲ୍ଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ଭାବେ ଜନ ଅଷ୍ଟିନ ଶପଥ ଗ୍ରହଣ କରିଥିଲେ , ସୁଶାସକ ଏବଂ ସୁ ସଂଗଠିତ ନେତୃବୃନ୍ଦଙ୍କ ଆନ୍ତରିକତା , ଦେଶପ୍ରେମ , ନିସ୍ୱାର୍ଥପର ସେବା ଦ୍ୱାରା ଓଡିଶା ପ୍ରଦେଶ ଆଜି ତା’ର ଗାରିମା ବଜାୟ ରଖିଛି । ଆମେ ଓଡିଶା ପ୍ରଦେଶର ଜନ୍ମିତ ବାସିନ୍ଦା ତେଣୁ ଏହା ଆମର ଗର୍ବ , କାଳକ୍ରମେ ପ୍ରଶାସନିକ ସୁବିଧା ପାଇଁ ଜିଲ୍ଲା ସଂଖ୍ୟା ବଢି ବର୍ତ୍ତମାନ ୩୦ ରେ ପହଂଚିଛି । ଓଡିଶା ଆଜି ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଁ ଦେଶର ଗୌରବ ପାଲଟିଛି ଆସନ୍ତୁ ଆମେ ସମସ୍ତେ ଶପଥ ନେବା ଓଡ଼ିଶାର ମାନ, ସମ୍ମାନ , ସଂସ୍କୃତିକୁ ସଦା ସର୍ବଦା ବଜାୟ ରଖିବା । ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା , ଅନ୍ୟ ଭାଷା ଶିକ୍ଷା କରିବା କିଛି ଅପରାଧ ନୁହେଁ ତେବେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବଓ ଉଚିତ ।

ପ୍ରଦେଶ ଭିତରେ ବା ପ୍ରଦେଶ ବାହାରେ ଥିବା ଅନେକ ଓଡିଶା ପ୍ରଦେଶର ବାସିନ୍ଧା ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠା ବୋଧ କରନ୍ତି , ନିଜ ମାତୃଭାଷାକୁ ବିକୃତ କରି ଉଚ୍ଚାରଣ କରିଥାନ୍ତି , ଏପରିକେ ଓଡ଼ିଶାରେ ନିଜ ମାଲିକାନାରେ ଚାଲୁଥିବା ଅନେକ ଟି: ଭି ଆଙ୍କର/ସଂଚାଳକ ମାନଙ୍କ ଓଡ଼ିଆ ଯଦି ମନ ଧ୍ୟାନ ଦେଇ ଶୁଣିବେ ତେବେ ନିଜକୁ ଲଜ୍ଜା ଲାଗିବ , ସେମାନେ ଓଡ଼ିଆ ତ’ କହୁନାହାନ୍ତି ସେଥିରେ ଅର୍ଦ୍ଧାଧିକ ଇଂରାଜୀ ଓ ହିନ୍ଦୀ ଶବ୍ଦ ପ୍ରୟୋଗ କରନ୍ତି ଯେପରି ’ମାହୋଲ’ ଏହା ଏକ ବାହାଦୂରୀ ନା ନିଜର ଅଜ୍ଞାନତା ? ଫିସ ଫିସ ବ୍ୟାକରଣ ଭୁଲ ଥାଇ ଇଂରାଜୀ ନ’କହି ଖାଣ୍ଟି ଓଡ଼ିଆ କହିବା ବରଂ ଭଲ , ଅନେକ ସାକ୍ଷାତ୍କାର ଦେବାକୁ ଆସିଥିବା ବିଭିନ୍ନ ବର୍ଗର ବ୍ୟକ୍ତି ଓଡ଼ିଆ କହିବା ବେଳେ ‘ବଟ’ ’ଆକଚୁଆଲି’ ‘ସୋ’ ପରି ଅନେକ ଇଂରାଜୀ ଶବ୍ଦ ଓଡ଼ିଆ ସହିତ କହିବାର ଅନେକ ଉଦାହରଣ ଅଛି, ’ଆମେ ଓଡ଼ିଆ ଆମ ଭାଷା ବଢିଆ’ କୋଉଠି ରହିଲା ? ଓଡ଼ିଆ ଭାଷାକୁ ତ’ ଏମାନେ ମିଳିମିଶି ବାର ମଜା କରି ସାରିଲେଣି, ପିଲା ଜନ୍ମ ହେଉ ହେଉ ତା’କୁ ଡାଡି ମମ୍ମି , ଅଙ୍କଲ ଆଣ୍ଟି ଶିଖାଯାଏ ଓ ଭାଇ ଭଉଣୀ ମାନେ, ଯଦି ନିଜ ଭାଷା ପ୍ରତି କିଛିଟା ଆନ୍ତରିକତା ଅଛି ତେବେ ଚେଷ୍ଟା କରନ୍ତୁ ନିଜ ଭାଷା କିପରି ବଂଚି ରହିବ , ସରକାର ମଧ୍ୟ ଏଥିପ୍ରତି ଅନ୍ତରରୁ ଚେଷ୍ଟିତ ହେବାର ସମୟ ଉପନୀତ । ସରକାରୀ ଅଫିସ କଚେରୀ ସବୁ ଇଂରାଜୀ ଭାଷାରେ ଚାଲେ , ଅନେକ ଅଣ ଓଡ଼ିଆ ଉଚ୍ଚ ପଦ ପଦବୀରେ ଅଛନ୍ତି ସେମାନେ ଓଡ଼ିଆ ଭାଷା ପ୍ରତି ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ ତେଣୁ ହୁଏତ ଓଡ଼ିଆ ଭାଷାକୁ ସରକାର ଆପଣେଇ ପାରୁ ନାହାନ୍ତି ଓ ଆଜିର ଯୁବପିଢ଼ି ଆଗେଇ ଆସନ୍ତୁ ଓଡ଼ିଶାର ସୁନାମକୁ ବଜାୟ ରଖନ୍ତୁ , ଜୟ ଉତ୍କଳ ଜନନୀ , ଜୟ ହିନ୍ଦ ।

+ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା, କଟକ-
୭୫୩୦୦୯
ମୋ:୯୯୩୭୧୭୪୦୯୭

ଉତ୍କଳ ଦିବସରେ ଶୁଭ ଅନୁଚିନ୍ତା

ରମେଶ ଚନ୍ଦ୍ର ନାୟକ

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଆମ ରାଜ୍ୟ ଓଡ଼ିଶା ୨୦୨୩ ମସିହା, ଏପ୍ରିଲ ୧ ତାରିଖରେ ୮୭ ତମ ଉତ୍କଳ ଦିବସ ପାଳନ କରୁଛି । ଏହି ପବିତ୍ର ଭୂମି, ଏହାର ଇତିହାସ, ପୁରାଣ ଶାସ୍ତ୍ର ଓ ଆଧ୍ୟାତ୍ମିକ ଶକ୍ତି ନିମନ୍ତେ ପ୍ରସିଦ୍ଧି ଲାଭ କରିଛି । ଉତ୍କଳ ପରି ଦେବଭୂମି , ତୀର୍ଥଭୂମି ତଥା କଳାର ଭୂମି ବିଶ୍ୱରେ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଭାରତ ଗର୍ବ ଅନୁଭବ କରୁଥିବା ଏପରି ଅନେକ କିଛି ର ଉତ୍ପତ୍ତି ଏହି ଓଡ଼ିଶା ମାଟିରୁ ହିଁ ସମ୍ଭବ ହୋଇପାରିଛି । ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାଠାରୁ ଦୀର୍ଘ ୮୭ ବର୍ଷର ଯାତ୍ରା ପଥରେ ରାଜ୍ୟର କେତେକାଂଶରେ ବିକାଶ ପରିଲକ୍ଷିତ ହୋଇଥିବା ବେଳେ, ନିର୍ଦ୍ଦିଷ୍ଟ ଭାବେ ଏହି ରାଜ୍ୟ ବିଭିନ୍ନ କ୍ଷେତ୍ରରେ ମଧ୍ୟ ନେତୃତ୍ୱ ବହନ କରିଥିଲା । ତେଣୁ ଓଡ଼ିଶାରେ ଆଜି ପରମ୍ପରା ଏବଂ ଆଧୁନିକତାର ଏକ ବିରଳ ସମନ୍ୱୟ ଘଟିଛି । ଆଜିର ଏହି ଐତିହାସିକ ଦିବସରେ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବହୁ ପ୍ରତିକ୍ଷିତ ସ୍ୱପ୍ନ ସାକାର ହୋଇଥିଲା ।

ଏ ମାଟିର ସୁଯୋଗ୍ୟ ସନ୍ତାନମାନଙ୍କ ଅବିଶ୍ରାନ୍ତ ସଂଗ୍ରାମ ଏବଂ ନିଃସ୍ୱାର୍ଥପର ବଳିଦାନ ଯୋଗୁଁ ସ୍ୱତନ୍ତ୍ର ଓଡ଼ିଶା ଆତ୍ମ ପ୍ରକାଶ କରିଥିଲା । ଏହି ଐତିହାସିକ ସଫଳତା ଲାଭ ଦିଗରେ ଓଡ଼ିଶା ମାଟିର ମହାନ୍ ବ୍ୟକ୍ତିବିଶେଷ ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ଉତ୍କଳ ଗୌରବ ମଧୁସୂଦନ ଦାସ , ଉତ୍କଳମଣି ପଣ୍ଡିତ ଗୋବପନ୍ଧୁ ଦାସ ଏବଂ ଏପରି ଅନେକ ମହା ମନୀଷୀଗଣ ନିରନ୍ତର ସଂଗ୍ରାମ ଜାରି ରଖିଥିଲେ । ସଂକ୍ଷେପରେ କହିବାକୁ ଗଲେ ଏହା ଥିଲା ଇତିହାସର ମୂକ ସାକ୍ଷୀ। କେବଳ ଏହା ଏକ ସ୍ୱତନ୍ତ୍ର ଓଡ଼ିଶା ଗଠନର ତତ୍କାଳୀନ ପ୍ରକ୍ରିୟା ନଥିଲା, ବରଂ ଏହା ଆମର ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ସାହିତ୍ୟିକ ଏବଂ ଦୂରଦ୍ରଷ୍ଟା ମାନଙ୍କ ବହୁବର୍ଷବ୍ୟାପୀ ଉଦ୍ୟମର ଫଳଶ୍ରୁତି ଥିଲା । ଆଜିର ଏହି ସ୍ମରଣୀୟ ଦିବସରେ ଆସନ୍ତୁ, ଏହି ମହାନ୍ ବରପୁତ୍ରମାନଙ୍କୁ ଆମର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଏବଂ ସମଗ୍ର ଭାରତବର୍ଷରେ ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ଗଠନ କ୍ଷେତ୍ରରେ ଆମକୁ ଅନନ୍ୟ ପରିଚିତ କରିଥିବା ଏହି ବରପୁତ୍ରମାନଙ୍କ ଅମୂଲ୍ୟ ଅବଦାନ ନିମନ୍ତେ ଶ୍ରଦ୍ଧା ପୂର୍ବକ ସେମାନଙ୍କ ସ୍ମୃତି ଚାରଣ କରିବା । ଓଡ଼ିଶା ଭାଷାଭାଷୀ ଅଞ୍ଚଳର ଏକତ୍ରୀ କରଣ ସହିତ ୨୫୦୦ ବର୍ଷର ପ୍ରାଚୀନ ଓଡିଆ ଭାଷାକୁ ସମୃଦ୍ଧ କରିବା ଦିଗରେ ପୂର୍ବସୁରୀ ମାନଙ୍କର ନିରନ୍ତର ଉଦ୍ୟମ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ ।

ପ୍ରାଚୀନ ଯୁଗରୁ ଓଡ଼ିଶା ଏକ ଐଶ୍ୱର୍ଯ୍ୟଶାଳୀ, ଉତ୍କୃଷ୍ଟ କଳା କୌଶଳ ଜ୍ଞାତ ସାମରିକ ଶକ୍ତି ସମ୍ପନ୍ନ ଓ ସାମୁଦ୍ରିକ ବାଣିଜ୍ୟ ସମୃଦ୍ଧ ରାଜ୍ୟ ରୂପେ ବିଶ୍ୱ ଦରବାରରେ ପରିଚିତ ଥିଲା । ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ଅମର କଣ୍ଟକ ଏବଂ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏହି ବିଶାଳ ଭୂଖଣ୍ଡ, ପୁରାତନ ଐତିହାସିକ କାଳର ବୃହତ ତଥା ଶକ୍ତିଶାଳୀ ରାଜ୍ୟ କଳିଙ୍ଗ, ଉତ୍କଳିଙ୍ଗ, ଉତ୍କଳ, ତ୍ରିକଳିଙ୍ଗ, ତୋଷଳ, କୋଶଳ, କଙ୍ଗୋଦ ଏବଂ ଉତ୍ତ୍ର ଶବ୍ଦରୁ ସାମ୍ପ୍ରତିକ ଓଡ଼ିଶା ପ୍ରଦେଶ ନାମଟି ଉଦ୍ଭବ ହୋଇଅଛି । ଅତୀତର ସମୃଦ୍ଧି ଓ ବୀରତ୍ୱର ଗାଥା ଏକ ଅପୂର୍ବ ସମିଶ୍ରଣ ସହ, ଏହି ପ୍ରାଚୀନ ରାଜ୍ୟ କେତେବେଳେ ଜଣେ ରାଜାଙ୍କ ଦ୍ୱାରା ଏବଂ କେତେବେଳେ ଖଣ୍ଡ ବିଖଣ୍ଡିତ ହୋଇ ବିଭିନ୍ନ ରାଜାଙ୍କ ଦ୍ୱାରା ଶାସିତ ହେଲେ ହେଁ ଭାବ ଓ ଭାଷା ଦୃଷ୍ଟିରୁ ଏହାର ଜାତୀୟତା ଅକ୍ଷୁର୍ଣ୍ଣ ରହିଥିଲା ।

ଏହି ଭୂଖଣ୍ଡରେ ଚୈତ୍ର, ଭୌମ, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇ ବଂଶର ନରପତି ଗଣ ଶାସନ କରି ଅକ୍ଷୟ ଯଶ ରଖିଯାଇଛନ୍ତି । ଦୁଃଖର ବିଷୟ ଷୋଡ଼ଶ ଶତାବ୍ଦୀରେ ଏହି ରାଜ୍ୟର ସ୍ୱାଧୀନତା ବିପନ୍ନମୁଖୀ ହୋଇ ଏହା ଆଫାଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କ ଶାସନଧୀନ ହୋଇଥିଲା । ସେମାନେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ନକରି, ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ସହିତ ଅନ୍ତର୍ଭୁକ୍ତ କରିଥିଲେ । ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫାଗାନମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ବଙ୍ଗ ପ୍ରଦେଶ ଅଧୀନରେ ରଖିଲେ । ପରେ ପରେ ମୋଗଲମାନେ ଓଡ଼ିଶା ଅଧିକାର ପୂର୍ବକ ଏହାକୁ ଗୋଟିଏ ସୁବାରେ ପରିଣତ କରିଥିଲେ । ଏହାପରେ ମରହଟ୍ଟାମାନେ ଓଡ଼ିଶା ଅଧିକାର କରିଥିଲେ ହେଁ ସେମାନଙ୍କ ରାଜତ୍ୱରେ ଓଡ଼ିଶା ଶାସନରେ ବ୍ୟାପକ ଅସ୍ଥିରତା ସୃଷ୍ଟି ହୋଇଥିଲା । ୧୮୦୩ ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ସେଦିନ କେହି ଜାଣି ନଥିଲେ ଗୋଟିଏ ବିଦେଶୀ ବଣିକ ଜାତି , ସମଗ୍ର ଭାରତବର୍ଷରେ କାୟା ବିସ୍ତାର କରି ଭାରତକୁ ଖିନଭିନ୍ ତଥା ତଳିତଳାନ୍ତ କରିପକାଇଲେ । ସେମାନେ ଓଡ଼ିଶାର ହଜାର ହଜାର ବର୍ଷର ଐତିହ୍ୟ ଓ ସଂସ୍କୃତି, ପରମ୍ପରାକୁ ଭୁକୁଞ୍ଚନ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାଜ ପ୍ରବେଶ, ପଶ୍ଚିମାଞ୍ଚଳକୁ ମଧ୍ୟପ୍ରଦେଶ ଓ ଉତ୍ତରାଞ୍ଚଳକୁ ବଙ୍ଗ ପ୍ରଦେଶରେ ମିଶ୍ରଣ କରିଦେଲେ । ଇଂରେଜମାନେ କପଟତା ଅବଲମ୍ବନ ପୂର୍ବକ ଓଡ଼ିଶା ଅଧିକାର କରିଥିବାରୁ ଓଡ଼ିଆ ଜାତି ଏହା ସହଜରେ ସ୍ୱୀକାର କରିନଥିଲା । ଏହା ବିରୁଦ୍ଧରେ ଓଡିଆମାନଙ୍କ ଦ୍ୱାରା ସଂଗଠିତ ୧୮୧୭ ମସିହାର ପାଇକ ବିଦ୍ରୋହ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଏହି ପାଇକ ବୀରଙ୍କ ଭୟରେ ଇଂରେଜ ପ୍ରଶାସକମାନେ ଖୋର୍ଦ୍ଧା ପରିତ୍ୟାଗ ପୂର୍ବକ ପଳାୟନ କରିଥିଲେ । ଏହି କାରଣରୁ ଇଂରେଜମାନେ ଓଡ଼ିଆମାନଙ୍କୁ ଦୁର୍ଦ୍ଦଷ ବିବେଚନା କରି ଭୟରେ ବିଶାଳ ଓଡ଼ିଶାକୁ ଖଣ୍ଡ ଖଣ୍ଡ କରି ଭିନ୍ନ ଭିନ୍ନ ପ୍ରବେଶ ଅଧୀନରେ ରଖିଲେ ।

୧୮୬୫-୬୬ରେ ଓଡିଶାରେ ବଡ଼ ନ’ଅଙ୍କ ଦୁର୍ଭିକ୍ଷ ପଡ଼ିଥିଲା । ଏହି ଦୁର୍ଭିକ୍ଷରେ ଲକ୍ଷ ଲକ୍ଷ ଲୋକ ଅନାହାରରେ ପ୍ରାଣ ହରାଇଥିଲେ । ସରକାରୀ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ଏକଲକ୍ଷ ବୋଲି କୁହାଯାଇଥିଲା । ପ୍ରମୁଖ ଓଡ଼ିଶାବାସୀଙ୍କର ଦାବି ଓ ଆପତ୍ତିକ୍ରମେ ବିଲାତସ୍ଥିତ ଭାରତ ସଚିବ ଷ୍ଟାଫୋର୍ଡ ନର୍ଥକୋଟ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ ଯେ, ବଙ୍ଗ, ବିହାର ଓ ଓଡ଼ିଶାକୁ ଏକ ପ୍ରଦେଶ ରଖାଯାଇଥିବାରୁ ଏହି ବିଶାଳ ଭୂଖଣ୍ଡର ଶାସନ ନିୟନ୍ତ୍ରଣ କରିବା ସମ୍ଭବପର ହୋଇପାରିଲା ନାହିଁ ଏବଂ ଏହି କାରଣରୁ ଓଡ଼ିଶାର ଅକଥନୀୟ ଅବସ୍ଥା ଘଟିଲା । ପ୍ରକୃତପକ୍ଷେ ଏହା ପରଠାରୁ ୧୮୮୨ ମସିହାରେ “ଉତ୍କଳସଭା” ଗଠନ କରାଗଲା । ଅନେକ ଓଡ଼ିଆ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ ସରକାରଙ୍କ ଠାରେ ଦାବି ଜଣାଇଲେ । କାଳକ୍ରମେ ୧୯୧୧ ମସିହାରେ ବିହାର ଓ ଓଡ଼ିଶାକୁ ବଙ୍ଗପ୍ରଦେଶରୁ ଅଲଗା କରି ଏକ ମିଳିତ ପ୍ରଦେଶ ଭାବରେ ରଖିଲେ । ଏଥିରେ ମାନ୍ଦ୍ରାଜ ପ୍ରଦେଶ ସ୍ଥିତ ଓଡିଆ ଅଞ୍ଚଳ ମିଶିନଥିଲା । ୧୯୧୪ରେ ଉତ୍କଳ ସମ୍ମିଳନୀ ବୈଠକରେ, ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବାକୁ ଆହ୍ୱାନ ଦିଆଗଲା । ୧୯୧୬ରେ ଚେମ୍ ?ସଫୋର୍ଡ ଓ ମଣ୍ଟେଗୁଙ୍କୁ ନେଇ ଗଠିତ ଶାସନ ସଂସ୍କାର କମିଟି ନିକଟରେ ଓଡ଼ିଶା ର ନେତୃ ବର୍ଗ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶ କରିବା ନିମିତ୍ତ ଦାବି ଉପସ୍ଥାପନ କଲେ । ବାଧ୍ୟବାଧକତାରେ ଉକ୍ତ କମିଟିର ସୁପାରିଶରେ ବିହାର ଓଡ଼ିଶା କାଉନସିଲରେ ପ୍ରସ୍ତାବ ଗୃହିତ ହୋଇଥିଲା । ଏହା କାର୍ଯ୍ୟକାରୀ ନହେବାରୁ ୧୯୨୦ ରେ, ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରାଦେଶିକ କଂଗ୍ରେସ କମିଟି ଗଠନ କରାଯାଇ ଓଡ଼ିଆଙ୍କ ଦାବିକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ବିହାର ଓଡ଼ିଶା କାଉନସିଲରେ ଓଡ଼ିଶାର ଦାବି ଜଣାଇଥିଲେ । ସେ ମଧ୍ୟ ଓଡ଼ନେଲ କମିଟି ନିକଟରେ ସାକ୍ଷ ଦେଇ ଦାବିର ଯଥାର୍ଥତା ପ୍ରତିପାଦନ କରିଥିଲେ । ୧୯୨୪ ରେ ମଧୁସୂଦନ ଦାସ କଂଗ୍ରେସ ଓ ଅଣକଂଗ୍ରେସ ନେତାମାନଙ୍କ ସମନ୍ୱୟ କମିଟି ନିକଟରେ ଦୃଢ ଦାବି ଜଣାଇଥିଲେ । ୧୯୩୧ରେ ଲଣ୍ଡନଠାରେ ଗୋଲଟେବୁଲ ବୈଠକ ବସିଲା ଓଡ଼ିଶାରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସେ ବୈଠକରେ ପ୍ରତିନିଧିତ୍ୱ କରିଥିଲେ । ସେତେବେଳକୁ ପୂର୍ବ ନେତୃ ବୃନ୍ଦଙ୍କ ସହିତ ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର, ଅନନ୍ତ ମିଶ୍ର, ଆଚାର୍ଯ୍ୟ ହରିହର ଦାସ, ହରେକୃଷ୍ଣ ମହାତାବ, ସତ୍ୟବାଦୀ ମିଶ୍ର ପ୍ରଭୃତି ଅଗଣିତ ବିପ୍ଳବୀଙ୍କ ନେତୃତ୍ୱ ଓଡ଼ିଆ ଆନ୍ଦୋଳନକୁ ବ୍ୟାପକ କରିପାରିଥିଲା । ବିଶେଷତଃ ଛୁରୀଆନା କୁଞ୍ଜର ପଞ୍ଚସଖା ଓ ସତ୍ୟବାଦୀ ବନବିଦ୍ୟାଳୟ ତଥା ‘ସମାଜ’ ମାଧ୍ୟମରେ ଓଡ଼ିଶା ବାସୀଙ୍କ ହୃଦୟରେ ଜାତୀୟ ଚେତନା ବିକାଶ ଲାଭ କରି ତୀବ୍ର ରୂପ ଧାରଣ କରିଥିଲା । ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ନିଶା ନିବାରଣ, ଲବଣ ସତ୍ୟାଗ୍ରହ, ସରକାରୀ ଆଇନ ଅମାନ୍ୟ ଜୋରଦାର ଆରମ୍ଭ ହୋଇଯାଇଥିଲା । ପରିଶେଷରେ ତତ୍କାଳୀନ ଇଂରେଜ ସରକାର ୧୯୩୬ ଅପ୍ରେଲ ୧ ତାରିଖ ଠାରୁ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମର୍ଯ୍ୟାଦା ପ୍ରଦାନ କଲେ । ଏହା ଭାରତର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ହୋଇଥିଲେ ହେଁ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରେ ମିଶିପାରି ନଥିଲା । ଏହି ଖଣ୍

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ନ୍ୟାୟିକ ରାଜନୀତି...

ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତାଙ୍କ ଦେଶରେ ବିବାଦୀୟ ନ୍ୟାୟିକ ସଂସ୍କାର ଆଣିବା ନିମନ୍ତେ ଯେଉଁ ଯୋଜନା କରିଥିଲେ, ତାହା ତାଙ୍କୁ ଜନସାଧାରଣ ଏବଂ ରାଜନୀତିକ ଚାପ ଯୋଗୁଁ ଆପାତତଃ ସ୍ଥଗିତ ରଖିବାକୁ ପଡ଼ିଛି । ହଜାର ହଜାର ସଂଖ୍ୟକ ଇସ୍ରାଏଲୀ ଜନତା ଶ୍ରୀଯୁକ୍ତ ନେତାନ୍ୟାହୁଙ୍କ ସରକାର ଦ୍ୱାରା ସମ୍ପାଦିତ ହେବାକୁ ଯାଉଥିବା ନ୍ୟାୟିକ ବ୍ୟବସ୍ଥାରେ ପରିବର୍ତ୍ତନର ପ୍ରତିବାଦ କରିଛନ୍ତି । ଏହି ପରିବର୍ତ୍ତନ ଲାଗୁ ହୋଇଥିଲେ ଏହାର ପ୍ରସ୍ତାବ ଅନୁସାରେ ବିଚାରପତିମାନଙ୍କ ନିଯୁକ୍ତିରେ କାର୍ଯ୍ୟପାଳିକାର ଅଧିକାର ନିୟନ୍ତ୍ରଣ କରିଥାନ୍ତା ଏବଂ ଏହା ପ୍ରଧାମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗଜନିତ ସମ୍ଭାବ୍ୟ ଦଣ୍ଡ ବିଧାନରୁ ରକ୍ଷା କରି ପାରିଥାନ୍ତା । ତଥାପି ଏକଥା ସ୍ପଷ୍ଟ ଯେ ଇସ୍ରାଏଲର ପ୍ରଧାମନ୍ତ୍ରୀ ଏହି ସ୍ଥଗିତାଦେଶକୁ ତାଙ୍କ ଯୋଜନାରେ କେବଳ ଏକ ବିରାମ ବୋଲି ଦେଖୁଛନ୍ତି, ପରିବର୍ତ୍ତନକୁ ଲାଗୁ କରିବାର ଧାରଣାକୁ ସେ ପରିତ୍ୟାଗ କରି ନାହାନ୍ତି । ସୂଚନାଯୋଗ୍ୟ ଯେ ନ୍ୟାୟିକ ସଂସ୍କାରର ବିରୋଧ କରିବାରୁ ମାତ୍ର ଦୁଇଦିନ ପୂର୍ବରୁ ସେ ତାଙ୍କର ପ୍ରତିରକ୍ଷା ମନ୍ତ୍ରୀଙ୍କ ବହିଷ୍କାର କରିଛନ୍ତି । ଗତ ବର୍ଷ ଡିସେମ୍ବର ମାସରେ ଶ୍ରୀଯୁକ୍ତ ନେତାନ୍ୟାହୁ ଯେତେବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସାମ୍ପ୍ରତିକ କାର୍ଯ୍ୟକାଳ ଆରମ୍ଭ କଲେ, ଦେଶର ୩୭ତମ ସରକାର ପାଇଁ ସେ ଚାରିଗୋଟି ପ୍ରମୁଖ ଲକ୍ଷ୍ୟ ହାସଲ କରିବାକୁ ଧାର୍ଯ୍ୟ କରିଥିଲେ । ସେଗୁଡ଼ିକ ହେଉଛି- ଇରାନ୍‌କୁ ଇସ୍ରାଏଲଠାରୁ ସମ୍ପୂର୍ଣ୍ଣ ଦୂରେଇ ରଖିବା; ଇସ୍ରାଏଲର ସୁରକ୍ଷା ଏବଂ ଶାସନ ବ୍ୟବସ୍ଥାର ପୁନରୁଦ୍ଧାର କରିବା; ଜୀବନଧାରଣର ମୂଲ୍ୟଜନିତ ସମସ୍ୟାର ସମଧାନ କରିବା ଏବଂ ଶାନ୍ତିର ବୃତ୍ତ (ଆରବ ସହିତ)କୁ ସମ୍ପ୍ରସାରଣ କରିବା । କିନ୍ତୁ ବିଗତ ଚାରି ମାସ ଭିତରେ ତାଙ୍କ ସରକାରର ଏକମାତ୍ର ଧ୍ୟାନ କେନ୍ଦ୍ରିତ ହୋଇଛି ନେସେଟ୍‌ରେ ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାର ଆଣିବା ନିମନ୍ତେ ଉଦ୍ଦିଷ୍ଟ ବିଲ୍‌କୁ ପାରିତ କରାଇବା ଉପରେ, ଯାହା ତାଙ୍କ ସରକାର ବିରୋଧରେ ଅଭୂତପୂର୍ବ ପ୍ରତିବାଦ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ନ୍ୟାୟିକ ସଂସ୍କାର ପାଇଁ ଶ୍ରୀଯୁକ୍ତ ନେତାନ୍ୟାହୁଙ୍କ ଆଭିମୁଖ୍ୟର ପ୍ରତିନିଧୁତ୍ୱ କେବଳ ଇସ୍ରାଏଲରେ ନୁହେଁ, ବରଂ ଆଜିକା ସମୟରେ ଆହୁରି ବେଶ୍ କେତେକ ଗଣତନ୍ତ୍ରରେ ଦେଖିବାକୁ ମିଳେ । ଦେଶ ପରେ ଦେଶ, ହଙ୍ଗେରୀ ଏବଂ ପୋଲାଣ୍ଡଠାରୁ ଇସ୍ରାଏଲ ଏବଂ ଭାରତ, ଯେଉଁସବୁ ଦେଶମାନଙ୍କରେ ନେତାମାନେ ଲୋକପ୍ରିୟ ମତଦାନ ମାଧ୍ୟମରେ କ୍ଷମତାକୁ ଆସିଛନ୍ତି, ସମସ୍ତଙ୍କ ବିରୋଧରେ ଅଭିଯୋଗମାନ ଉଠୁଛି ଯେ ସେମାନେ ମତଦାନ ମାଧ୍ୟମରେ କ୍ଷମତାକୁ ଆସିଛନ୍ତି, ସମସ୍ତଙ୍କ ବିରୋଧରେ ଅଭିଯୋଗମାନ ଉଠୁଛି ଯେ ସେମାନେ ଲଗାମ୍ କଷିବା ପାଇଁ ସେବାରତ ଅଛନ୍ତି । ଏଭଳି ଉଦ୍ୟମଗୁଡ଼ିକ କେବେ କେମିତି ପ୍ରତିବାଦଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି, ଠିକ୍ ଯେମିତି ବର୍ତ୍ତମାନ ଇସ୍ରାଏଲରେ ଦେଖା ଯାଉଛି । ସେଗୁଡ଼ିକ ନିମନ୍ତେ ପ୍ରକାରାନ୍ତରେ ସରକାରଙ୍କଠାରୁ ଯେଉଁ ଗ୍ରହଣୀୟତା ଆଶା କରାଯାଇଥାଏ, ତା'ର ସୀମାକୁ ସମ୍ପ୍ରସାରିତ କରିବାରେ ଶେଷ ହୋଇଥାନ୍ତି, ଯେଉଁମାନଙ୍କର କି ଗଣତନ୍ତ୍ର ପାଇଁ ପ୍ରତିବଦ୍ଧତା କେବଳ ଯାହା ବେଳକୁ ବେଳ ଫମ୍ପା ଆବାଜ ଭଳି ପ୍ରତୀୟମାନ ହୋଇଥାଏ । ପ୍ରାୟତଃ ଏହିସବୁ ଦୋଦୁଲ୍ୟମାନ ଅବସ୍ଥାକୁ ଏକ ପ୍ରମାଣ ଭାବରେ ଗ୍ରହଣ କରାଯାଇଥାଏ ଯେ ଗଣତନ୍ତ୍ର ଶୁଣିବାକୁ ବାଧ୍ୟ । ଅନେକ କ୍ଷେତ୍ରରେ ସେହି କଥା ସତ୍ୟବାଦ ଆଡ଼କୁ ମୁହାଁଇବା କାର୍ଯ୍ୟର ମୁଖାବରଣ କରିବାରେ ସହାୟକ ହୋଇଥାଏ । ଭାରତରେ ଆଦୌ ପରିସମାପ୍ତି ନଘଟିବାକୁ ସତେ ଯେପରି ଶପଥ ନେଇଥିବା ଭଳି ମାସ ପରେ ମାସ ବିବାଦୀୟ କୃଷି ବିଲ୍ ବିରୋଧରେ ପ୍ରତିବାଦ ଜାରି ରହିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଧ୍ୟ ହୋଇଥିଲେ ଏହାକୁ ପ୍ରତ୍ୟାହାର କରି ନେବାକୁ । କିନ୍ତୁ ଏହି ବିଲ୍‌କୁ ଆଇନରେ ପରିଣତ କରିବା ପାଇଁ ଯେଉଁସବୁ ପଦ୍ଧତି ଅନୁସୃତ ହୋଇଥିଲା, ଯଥା ବିପୁଳ ସଂଖ୍ୟା ଗରିଷ୍ଠତା ଯୋଗୁଁ ବିନା ବିତର୍କରେ ସଂସଦରେ ଏହାକୁ ପାରିତ କରାଇବା ଭଳି ପଦ୍ଧତି, ତାହା ଏବେ ସୁଦ୍ଧା ଅନେକ କ୍ଷେତ୍ରରେ ପ୍ରୟୋଗ କରାଯାଉଛି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଚଳିତ ବର୍ଷର ଜାତୀୟ ବଜେଟ୍‌ରେ କେତେଗୁଡ଼ିଏ ମଞ୍ଜୁରୀ ନିମନ୍ତେ ଦାବିର ଅନୁମୋଦନ । ଏହି ଆଭିମୁଖ୍ୟ ମଧ୍ୟ ୨୦୧୯ରେ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ର ପ୍ରତ୍ୟାହାର ସମୟରେ ଅନୁସୃତ ହୋଇଥିଲା, ଯେତେବେଳେ କି ଏଥି ସହିତ ସମ୍ପୃକ୍ତ କୌଣସି ହିତଧାରକଙ୍କ ସହିତ ବିନା ଆଲୋଚନାରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା । ଇସ୍ରାଏଲରେ ନେତାନ୍ୟାହୁଙ୍କ ନ୍ୟାୟିକ ବ୍ୟବସ୍ଥାରେ ସଂସ୍କାରକୁ ବିରୋଧ କରୁଥିବା ସମାନ ଧରଣର ଉଦାରବାଦୀ ରାଜନୀତିକ ଗୋଷ୍ଠୀ– ତାଙ୍କ ସରକାର ପ୍ରାୟତଃ- ଦୈନନ୍ଦିନ ଭିତ୍ତିରେ ପାଲେଷ୍ଟିନୀୟମାନଙ୍କ ବିରୁଦ୍ଧରେ ହିଂସାକୁ ଉସୁକାଇବା ଭଳି ପଦକ୍ଷେପ ନେଉଥିଲେ ସୁଦ୍ଧା ଏବଂ ପାଲେଷ୍ଟିନୀୟ ସୀମାଗୁଡ଼ିକୁ ଇସ୍ରାଏଲୀମାନେ ବେଆଇନ ଭାବରେ ଦଖଲ କରି ଆସୁଥିଲେ ମଧ୍ୟ ଅଧିକାଂଶ ସମୟରେ ସେମାନେ ସନ୍ଦେହଜନକ ଭାବରେ ନିରବ ରହୁଛନ୍ତି ।

ଭାଷା ଆନ୍ଦୋଳନରେ ଭକ୍ତକବି ମଧୁସୂଦନ

ଡକ୍ଟର ଲକ୍ଷ୍ମଣ ସାହୁ

ଋଗବେଦ (୧/୧୪୬/୧୧) ରେ ଅଛି- 'ମାତା ଭୂମି ପୁତ୍ରୋଽହଂ ପୃଥିବ୍ୟା' । ଅର୍ଥାତ୍ ମାଟି ହେଉଛି ମାଆ ଓ ମୁଁ ତା'ର ସନ୍ତାନ । ମାଟି ମା' ଯେ ଆମକୁ ଅମୃତ ସମ ଜଳ, ପ୍ରାଣବାୟୁ, ବଞ୍ଚିରହିବା ପାଇଁ ଖାଦ୍ୟ ଓ ସକଳ ନିରାପତ୍ତା ଦେଇ ଆସିଛି । ଯାହାର ଅମୃତ ଦାନରେ ସଚରାଚର ପୃଥିବୀର ମାନବ ଜଗତ ତିଷ୍ଠି ରହିଛି, ତାହାରି ପଦ ବନ୍ଦନା କରି କବି ମଧୁସୂଦନ ରାଓ ଋଷିପ୍ରାଣ ଭକ୍ତ କବି ଭାବରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ମର୍ଯ୍ୟାଦା ପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ହୋଇପାରିଛନ୍ତି । ପୃଥିବୀ ମାତାର ଜଣେ ଯଶଶ୍ରୀ ସନ୍ତାନ ଭାବେ ତାଙ୍କର ଅମର କବିତାବଳୀ ପୃଥିବୀ ପ୍ରତି, ଜନ୍ମଭୂମି, ଉତ୍କଳ ଜନନୀ, ଉତ୍କଳ ବନ୍ଦନା, ଉତ୍କଳ ଭାବନା, ଉଦ୍‌ବୋଧନ, ମୋ ଜନନୀ, ଉତ୍କଳ ଗାଥା ଆଦି ଅବିସ୍ମରଣୀୟ । ସ୍ୱତଃ ପ୍ରତ୍ୟେକଟି ଓଡ଼ିଆଙ୍କ ପ୍ରାଣରେ ପ୍ରାତଃ କାଳରେ ଉଣା ଅଧିକେ ଝଙ୍କୃତ ହୋଇଉଠେ - 'ତୁହି ମା ଜନମ ଭୂମି ପବିତ୍ର ଭାରତ ଭୂମି/ ତୋହର ସନ୍ତାନ ଆମେ ଅଟୁ ସରବେ...। ଅଥବା - 'ତୁହି ମା ଧରଣୀ, ଜନନୀ ମୋହର, ଧରିଛୁ ମା' ମୋତେ କୋଳେ/ ଲୋଟୁଅଛି ସିନ୍ଧୁ, ଚରଣେ ତୋହର, ଆହାକି ଉଲ୍ଲାସ ଭୋଳେ।'

ଉତ୍କଳ ଦିବସ ପାଳନ ଅବସରରେ ଭକ୍ତକବି ମଧୁସୂଦନ ରାଓ (ଖ୍ରୀ ୧୮୫୩-୧୯୧୨) ନାଁ ସ୍ୱତଃ ସ୍ମରଣକୁ ଆସେ । ସେ ଜଣେ ଓଡ଼ିଆ କବି, ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଓ ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧର ପ୍ରଣେତା । ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, କବି ସାହିତ୍ୟିକ, ପଣ୍ଡିତ, ସୁସଂଗଠକ ଓ ସମାଜ ସଂସ୍କାରକ । ସାହିତ୍ୟର ପ୍ରଚାର ପ୍ରସାର ପାଇଁ, ସେ କଟକରେ 'ଉତ୍କଳ ସାହିତ୍ୟ ସମାଜ' ପ୍ରତିଷ୍ଠା କରିଥିଲେ । ମଧୁସୂଦନ ରାଓଙ୍କ ପୂର୍ବ ପୁରୁଷ ମହାରାଷ୍ଟ୍ରର ନାଗପୁରସ୍ଥ ଭୋନ୍ସଲା ରାଜପରିବାର ଥିଲେ । ଓଡ଼ିଶା ମରହଟ୍ଟାମାନଙ୍କର ଶାସନ ଅଧିନରେ ୧୭୫୧ରୁ ୧୮୦୩ ମସିହା ପର୍ଯ୍ୟନ୍ତ ରହିଥିଲା । ଏହି ସମୟରେ ଅନେକ ବ୍ୟକ୍ତି ମହାରାଷ୍ଟ୍ରରୁ ଚାଲିଆସି ଓଡ଼ିଶାରେ ବସବାସ କରିବାରେ ଲାଗିଲେ । ମଧୁସୂଦନଙ୍କ ପରିବାର ପୁରୀରେ ଆସି ସେ ସମୟରେ ଅବସ୍ଥାନ କରୁଥିଲେ । ୧୮୫୩ ଜାନୁଆରୀ ୨୯ ତାରିଖ ଦିନ ମଧୁସୂଦନ ରାଓ ପୁରୀର ପଥୁରିଆ ସାହିରେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷକତାର କର୍ମମୟ ଜୀବନ ଯାଜପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଆରମ୍ଭ କରିଥିଲେ । ସେ କେବଳ ପିଲାଙ୍କୁ ପଢାଉ ନଥିଲେ ଶିଶୁ ମୂଲ୍ୟବୋଧ ଓ ଶିଶୁ ସାହିତ୍ୟକୁ ଆଧାର କରି ସେ ସୁନ୍ଦର ସୁନ୍ଦର ଗୀତ ଓ ଗଦ୍ୟମାନ ରଚନା କରିଛନ୍ତି । ମଧୁସୂଦନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ କବିତା ଗୁଡ଼ିକ ମାସିକ ପତ୍ରିକା ଉତ୍କଳ ଦର୍ପଣରେ ନିୟମିତ ଭାବେ ପ୍ରକାଶ ପାଇଁ ଆସିଛି । ସେଗୁଡ଼ିକ ସଂକଳିତ ହେବା ପରେ ପାଠ୍ୟ ପୁସ୍ତକ ଭାବେ ପ୍ରଚଳିତ ହୋଇଥିଲା । ଛାତ୍ର ଓ ଶିକ୍ଷକ ସମାଜ ମଧ୍ୟରେ ଜଣେ ଲେଖକ ଭାବେ ତାଙ୍କର ଖ୍ୟାତି ବଢିଥିଲା । 'ବର୍ଣ୍ଣବୋଧ' ମାଧ୍ୟମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ହୋଇଥିଲେ । ଆଜି ମଧ୍ୟ ଏହି ପୁସ୍ତକ ପ୍ରତ୍ୟେକ ଓଡ଼ିଆଙ୍କ ଆଦ୍ୟ ପୁସ୍ତକ ଭାବେ ଖ୍ୟାତି ଲାଭ କରିଛି । ଓଡ଼ିଆ ସାହିତ୍ୟର କର୍ଣ୍ଣଧାର ଓ କାଳଜୟୀ 'ଛବିଳ ମଧୁ ବର୍ଣ୍ଣବୋଧ'ର ସ୍ରଷ୍ଟା ଭକ୍ତକବି ମଧୁସୂଦନ ରାଓଙ୍କ ଅମ୍ଳାନ ପ୍ରତିଭା ତାଙ୍କ ସାହିତ୍ୟ ସର୍ଜନା ଭାବେ ତାଙ୍କୁ କେବଳ ନୁହେଁ, ଜଣେ ଭାଷା ଆନ୍ଦୋଳନକାରି ପ୍ରମୁଖ ସୈନିକ ଭାବରେ ସ୍ମରଣ କରି ଆସିଛି ।

କଟକରେ ଅଧ୍ୟୟନ କାଳରେ ମଧୁସୂଦନ ହରିନାଥ ଭଟ୍ଟାଚାର୍ଯ୍ୟଙ୍କ ପ୍ରେରଣାରେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରିୟ ବନ୍ଧୁ ପିଆରୀମୋହନ ଆଚାର୍ଯ୍ୟ ମଧ୍ୟ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ଦୁହିଁଙ୍କର ଜୀବନାଦର୍ଶ ଏକ ପ୍ରକାର । ମଧୁସୂଦନ ପ୍ରଥମେ ପୁରୀ ଜିଲ୍ଲା ସ୍କୁଲରେ ଏକ ଅସ୍ଥାୟୀ ତୃତୀୟ ଶିକ୍ଷକ ଭାବରେ ନିଯୁକ୍ତି ପାଇଲେ । କିନ୍ତୁ ସେ ଏହି ପଦବୀରେ ଯୋଗଦାନ କରିବା ପୂର୍ବରୁ ଅନ୍ୟଜଣେ ବଙ୍ଗୀୟ ବ୍ୟକ୍ତି ତତ୍କାଳୀନ ଇନ୍ସପେକ୍ଟର ମାର୍ଟିନ ସାହେବଙ୍କ ଦ୍ୱାରା ନିଯୁକ୍ତି ପାଇ ସେହି ପଦବୀରେ ଯୋଗଦେଲେ । ଫଳତଃ ମାର୍ଟିନ ସାହେବ କଟକ ହାଇସ୍କୁଲରେ ମଧୁସୂଦନଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ । ହେଲେ ସେ ଯୋଗଦାନ କରିବାର କିଛିଦିନ ପରେ ତାଙ୍କ ପଦବୀଟି ସେଠି ଉଚ୍ଛେଦ ହେବା ଯୋଗୁ ମାର୍ଟିନ ସାହେବ ବାଧ୍ୟହୋଇ ଯାଜପୁର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତି ଦେଲେ । ସେଠାରେ ମଧ୍ୟ ସେ ଦେଢ଼ବର୍ଷ କାର୍ଯ୍ୟ କରିବା ପରେ ବାଲେଶ୍ୱର ଜିଲ୍ଲାସ୍କୁଲରେ ଦ୍ୱିତୀୟ ଶିକ୍ଷକ ପଦବୀରେ ଯୋଗଦେଲେ । ଯାହା ଫଳରେ ସେ ବାଲେଶ୍ୱରରେ ଫକୀର ମୋହନ ଓ ରାଧାନାଥଙ୍କ ସାନ୍ନିଧ ଲାଭ କଲେ । ସେହିଠାରୁ ହିଁ ତାଙ୍କର ସାହିତ୍ୟ ଚର୍ଚ୍ଚା ଆରମ୍ଭ ହେଲା । ଫକିରମୋହନ, ରାଧାନାଥ ଓ ମଧୁସୂଦନ ତିନିହେଁ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା କଲେ । ବାଲେଶ୍ୱର ରାଜକୁମାର ବୈକୁଣ୍ଠ ନାଥ ଦେ ଏମାନଙ୍କୁ ପ୍ରୋତ୍ସାହିତ କଲେ । ଜଣେ ସୁଲେଖକ ଭାବେ ମଧୁସୂଦନ ସେଠାରେ ପ୍ରସିଦ୍ଧି ଲାଭ କଲେ ।

ସେତେବେଳେ ଓଡ଼ିଆରେ ମୁଦ୍ରଣ ଯନ୍ତ୍ର ନଥିବାରୁ ବଙ୍ଗଳା ଭାଷାରେ ଲିଖିତ ପାଠ୍ୟ ପୁସ୍ତକ ଆକାରରେ ପଢ଼ାଯାଉଥିବା ବେଳେ ବଙ୍ଗଳାର ପନ୍ନଚାତ୍ତ୍ୱଇକ ରାଜେନ୍ଦ୍ର ଲାଲ୍ ମିତ୍ର ଏକ ବିଭ୍ରାନ୍ତିକର ମତ ଦେଇ କହିଲେ ଓଡ଼ିଆ ଏକଟି ସ୍ୱତନ୍ତ୍ର ଭାଷା ନୟ। କିନ୍ତୁ ଇଂରେଜ ଶିକ୍ଷାବିତ୍ ହାମିଲ ଟନ୍ ଓଡ଼ିଶାର ଯେ ଏକ ସ୍ୱତନ୍ତ୍ର ଭାଷା ରହିଛି ତାହା ସ୍ୱୀକାର କରିଥିଲେ । କିନ୍ତୁ ନ୍ୟସ୍ତ ସ୍ୱାର୍ଥ ବଙ୍ଗୀୟମାନଙ୍କ ଭାଷା ପ୍ରତି ଦୌରାତ୍ମ ସହଜରେ କମିଲାନାହି । ୧୮୭୦ ବେଳକୁ ଭାଷା ଗତ ଚକ୍ରାନ୍ତର ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇ ଥିଲା । କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟ ଯୁକ୍ତି କରି କହିଥିଲେ ଓଡ଼ିଆ ସେଭଳି ଏକ ଭାଷା ନୁହେଁ, ଏହା ହେଉଛି ବଙ୍ଗଳାର ଉପଭାଷା । ଏହା ବଙ୍ଗଳାର କଥିତ ପ୍ରାନ୍ତୀୟ ଭାଷା ନୁହେଁ ବୋଲି ଦୀର୍ଘ ସମୟ ଭାଷଣ ଦେଇ କହିଥିଲେ । ଇଂରେଜ ବୀମସ୍ ସାହେବ ଏସିଆଟିକ୍ ସୋସାଇଟି ବୈଠକରେ **"On the relations of the Oriya to the other Morden Languages."** ଶୀର୍ଷକ ପ୍ରବନ୍ଧ ପାଠ କରି ଓଡ଼ିଆ ଭାଷାର ଅସ୍ତିତ୍ୱ ସଂପର୍କରେ ଆଲୋଚନା କରି କାନ୍ତିଲାଲ୍ ଭଟ୍ଟାଚାର୍ଯ୍ୟଙ୍କ ଯୁକ୍ତିକୁ ଖଣ୍ଡନ କରିଥିଲେ । ଏଥିରେ ବିଶେଷ କରି ଲେଫ୍ଟନାଣ୍ଟ ଗଭର୍ଣ୍ଣର କାମ୍ବେଲ ସାହେବ ତଥା ରେଭେନ୍ସା ସାହେବଙ୍କ ଅତୁଳନୀୟ ପ୍ରଚେଷ୍ଟା ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ବଜାୟ ରଖିବାରେ ସହାୟକ ହୋଇଥିଲା, ଶେଷରେ ବଙ୍ଗ ସରକାର ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା କରିବାକୁ ବାଧ୍ୟ ହୋଇଥିଲେ।

କହିବା ବାହୁଲ୍ୟ ସେ ସମୟରେ ଏହି ଭାଷା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ଅନ୍ୟତମ କର୍ଣ୍ଣଧାର ମାନଙ୍କ ମଧ୍ୟରେ ଗୁରୁ ରାଧାନାଥ ରାୟ ଓ ପଟ୍ଟଶିଷ୍ୟ ମଧୁସୂଦନ ରାଓଙ୍କ ନାମ ଅଗ୍ରଗଣ୍ୟ । ମଧୁସୂଦନ ଥିଲେ ଉପଯୁକ୍ତ ଗୁରୁଙ୍କ ଉପଯୁକ୍ତ ଶିଷ୍ୟ । ସେମାନଙ୍କ ସହିତ ମିଳିତ ହୋଇଥିଲେ ସାରସ୍ୱତ ତ୍ରିବେଣୀ ଧାରାର ଅନ୍ୟତମ ଧାରା ସରସ୍ୱତୀ ଫକିରମୋହନ ସେନାପତି । ୧୮୮୬ ମସିହାରେ ଓଡ଼ିଆ ଭାଷାର ଅସ୍ତିତ୍ୱ ବଜାୟ ରଖିବା ନିମନ୍ତେ ବାମଣ୍ଡାର ରାଜା ବାସୁଦେବ ସୁଢଳ ଦେବ ତପୁର ହୋଇ ଆଗେଇ ଆସିଥିଲେ । ସେ ଦେବଗଡ଼ ଠାରେ ଜଗନ୍ନାଥ ବଲ୍ଲଭ ନାମରେ ଏକ ମୁଦ୍ରାଯନ୍ତ୍ର (ଛାପାଖାନା) ପ୍ରତିଷ୍ଠା କରିଥିଲେ। ପରେ ସେହିଠାରୁ 'ସମ୍ବଲପୁର ହିତୈଷିଣୀ' ନାମରେ ଖଣ୍ଡିଏ ସାପ୍ତାହିକ ପତ୍ରିକା ନିଜ ପୃଷ୍ଠ-ପୋଷକତାରେ ଆତ୍ମପ୍ରକାଶ କରିଥିଲା। ପତ୍ରିକାରେ ପ୍ରାଚୀନ ଓଡ଼ିଶାର ଗୌରବ ଆଲୋଚନା ସହିତ ଦେଶର ତତ୍କାଳୀନ ଦୁରାବସ୍ଥା, ଓଡ଼ିଆ ସାହିତ୍ୟ, ମୁନି ଜ୍ଞାନୀ ଶିକ୍ଷିତ ବୁଦ୍ଧିଜୀବିମାନଙ୍କ ଆତ୍ମଚିନ୍ତା, ସ୍ୱଦେଶ ପ୍ରେମ ଜାଗରଣ ଆଦି ବିଷୟରେ ଆଲୋଚନା ପ୍ରକାଶ ପାଉଥିଲା । 'ସମ୍ବଲପୁର ହିତୈଷିଣୀ'ର ଗୁରୁତ୍ୱ ଓ ମହତ୍ତ୍ୱ ବୃଦ୍ଧି କରିବାରେ ଯେଉଁ ସାରସ୍ୱତ ସାଧକ ମାନଙ୍କ ଭୂମିକା ତତୋଧିକ ଥିଲା ସେମାନଙ୍କ ମଧ୍ୟରେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ଭକ୍ତ କବି ମଧୁସୂଦନ ଓ ପଣ୍ଡିତ ବିଶ୍ୱନାଥ କରଙ୍କ ଅବଦାନ ଅତୁଳନୀୟ ।

୧୯୦୦ ମସିହାରେ ମଧୁସୂଦନ ଦାସ, ବଡଲାଟ୍ ଲର୍ଡ କର୍ଜନଙ୍କ ଭାଷା ସମ୍ପର୍କିତ ପରାମର୍ଶ ଫଳରେ ଓଡ଼ିଆ ଅଞ୍ଚଳମାନଙ୍କର ମିଶ୍ରଣ ପର୍ବ ଦାବି କରାଗଲା । ଏପରିକି ସେହି ସମୟରେ ହରପ୍ରସାଦ ଶାସ୍ତ୍ରୀ ନେପାଳ ଦରବାରରୁ ସଂଗ୍ରହ କରିଥିବା ବୌଦ୍ଧଗାନ ଓ ଦୋହା ପୋଥି ବଙ୍ଗଳା ଭାଷା ଅପେକ୍ଷା ଓଡିଆଭାଷାର ଅଧିକ ନିକଟବର୍ତ୍ତୀ । ଠିକ୍ ସେହି ସମୟରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ଦିଆଯିବା ଫଳରେ ଏହାର ସମ୍ମାନ ବହୁ ଗୁଣରେ ଗୁଣିତ ହୋଇଥିଲା । ୧୯୦୨ ମସିହାରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରିବା ନିମନ୍ତେ ବ୍ରହ୍ମପୁରଠାରେ ଏକ ଓଡ଼ିଆ ସମ୍ମିଳନୀ ହୋଇଥିଲା । ସେ ସମୟରେ ଉତ୍ତରରେ ବାଲେଶ୍ୱର, ଦକ୍ଷିଣରେ ଗଞ୍ଜାମ, ପଶ୍ଚିମରେ ସମ୍ବଲପୁର ଓ କେନ୍ଦ୍ରାଞ୍ଚଳ କଟକରେ ବିଭିନ୍ନ ପ୍ରକାରର ସଭାସମିତି ଓ ପ୍ରତିବାଦ ଅନୁଷ୍ଠିତ ହୋଇ ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଶା ପ୍ରଦେଶ ଗଠନ ଲାଗି ଦାବି କରାଗଲା । ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଉତ୍କଳ ସମ୍ମିଳନୀର ଗଠନ ଘଟିଥିଲା । ଏଥିରେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ରାଧାନାଥ, ଫକିରମୋହନ, ନନ୍ଦକିଶୋର, ଗଙ୍ଗାଧର ସମେତ କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ସହଯୋଗ କରିଥିଲେ ।

ସେତେବେଳେ ମଧୁସୂଦନ ରାଓ କଟକ ଟ୍ରେନିଂ ସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଫଳତଃ ସେ ଭାଷା ସାହିତ୍ୟର ଗୁରୁତ୍ୱ ଉପଲବ୍ଧ କରି ଟ୍ରେନିଂ ସ୍କୁଲରେ ଏକ ଆଲୋଚନା ସଭା। ମାସର ପ୍ରତ୍ୟେକ ଶନିବାର ଦିନ ଏହାର ଅଧିବେଶନ ବସୁଥିଲା । ବହୁ ସାହିତ୍ୟିକ ଏହି ଆଲୋଚନା ସଭାର ସଭ୍ୟ ଥିଲେ । ଏହାର ପ୍ରଥମ ସଂପାଦକ କାର୍ଯ୍ୟ ଚନ୍ଦ୍ର ମୋହନ ମହାରଣା ତୁଲାଇଥିଲେ। କଟକରେ ଏହି ଆଲୋଚନା ସଭା ଏକମାତ୍ର ଥିବା ବେଳେ ଏଥିରେ ବିଶ୍ୱନାଥ କର, ରାମମୋହନ ବସୁ, ଶି

ବନ୍ଦେ ଉତ୍କଳ ଜନନୀ

ଧ୍ୱନି ପ୍ରତିଧ୍ୱନି

୫

♣ ବାଲେଶ୍ୱର ♣ ଶନିବାର, ୧ ଏପ୍ରିଲ ୨୦୨୩

ଓଡ଼ିଶା

ଦିନେଶ ମେହେର

ନିସଙ୍ଗ ପାହାଡ଼ର
ଗୁଞ୍ଜରିତ ପ୍ରତିଧ୍ୱନି
ଚେତେଇ ଦିଏ
ଚିରନିଦ୍ରାରେ ଶୋଇ ଯାଇଥିବା
ଓଡ଼ିଶାର ଇତିହାସକୁ !

ଆଜି ବି ଦେଓମାଳିରୁ
ବଙ୍ଗୋପ ସାଗର ଯାଏଁ
ଶୁଭେ ଓଡ଼ିଶାର
ଅତୀତ ବିଭବର ଗାଥା ।

ନିହାଣର ଚୋଟ ବାଜିଥିବା
କୋଣାର୍କ ପଥର ବି
ଛାତି ତଳେ ଲୁଚେଇ ରଖିଛି
କେତେ ଯନ୍ତ୍ରଣା ,
କହି ଦେଉଛି
ଓଡ଼ିଶା ଏବେ ବି
କୋଟି ବୀର ପ୍ରସବିନୀ !

ଏଠି ସ୍ୱପ୍ନକୁ,
ବାସ୍ତବ ସଜେଇ ଦିଏ
ଶ୍ରୀ ମନ୍ଦିରର ଶଙ୍ଖ ଧ୍ୱନି,
କଳା ଠାକୁରର ଶ୍ରୀମୁଖ,
ଆନନ୍ଦ ବଜାରର ଅଭଡ଼ା,
ନରେନ୍ଦ୍ର ପୋଖରୀର ବୁଡ଼ ।

'ବସୁଧୈବ କୁଟୁମ୍ବକମ୍' ନାରା ଉଡ଼େ
ଗାଁ ରୁ ସହର ସବୁଠି ।
ଓଡ଼ିଶା, ଶବ୍ଦଶୂନ୍ୟ
ହେଇ ପଡେ ଲେଖନୀ
ବର୍ଣ୍ଣିବାକୁ ଏହାର ଗାଥା !
ତଥାପି ସବୁଠି
ଆଦିରେ ଅନ୍ତରେ
ଆଉ ଭବିଷ୍ୟତରେ ଉଡୁଥିବ
ଓଡ଼ିଶାର ଜୟଗାନ,
ବାଜୁଥିବ
ବନ୍ଦେ ଉତ୍କଳ ଜନନୀ !

+ପଳାସ, କଳାହାଣ୍ଡି

ଉତ୍କଳ ଦିବସ

ଅନନ୍ତ କୁମାର

ଉଣେଇସହ ଛତିସ ମସିହା
ଏପ୍ରିଲ ମାସ ଏକ ତାରିଖ,
ଗଠନ ହେଲା ନୂତନ ରାଇଜ
ପାଳନ ହେଲା ଉତ୍କଳ ଦିବସ,

ଗୋପ ବନ୍ଧୁ ମଧୁସୂଦନ
କଲେ ତୀବ୍ର ଆନ୍ଦୋଳନ
ପରାଜିତ ହେଲେରେ ଶତ୍ରୁ
ଓଡିଶା ହେଲା ଗଠନ,

ନୀଳକଣ୍ଠ ଦାସ କୃଷ୍ଣଚନ୍ଦ୍ର ଗଜ ପତି
କରିଲେ ସଭିଏଁ ସଭା
ଗଙ୍ଗାଧର ଫକୀର ମୋହନ ସେନାପତି
ଗଢିଲେ ମିଶି ଆମ ଭାଷା

କବି, ବୀର, ମହାପୁରୁଷ
ରଖିଗଲେ ଏ ମାଟି ପାଇଁ ଯଶ,
ଗ୍ରନ୍ଥ, ବେଦ, ଆଉ ପୁରାଣ
ଛାଡି ଚାଲି ଗଲେ କରି ଛାପ,

ବୀର, ଯୋଦ୍ଧା ସ୍ୱାଧୀନତା ସଂଗ୍ରାମୀ
ବ୍ରିଟିଶକୁ କଲେ ଦମନ
ଖଣ୍ଡ ବିଖଣ୍ଡିତ ହେଇଗଲେ ଶତ୍ରୁ
ରାଇଜ ହେଲାରେ ଗଠନ,

ଓଡ଼ିଆ ଜାତିର ସୁଯୋଗ୍ୟ ସନ୍ତାନ
ଦେଇ ଗଲେ ନିଜ ବଳି ଦାନ,
ଉତ୍କଳ ମାଟିକୁ ସ୍ୱର୍ଣ୍ଣ କରିଗଲେ
ପୂର୍ଣ୍ଣ ହେଲା ତାଙ୍କ ସବୁ ସ୍ୱପ୍ନ,

+କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ,
ମୋ: ୮୩୩୯୯୩୯୯୨୯

ଓଡିଆ ଆମର ପରିଚୟ

ଜୟଶ୍ରୀ ପଟ୍ଟନାୟକ

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଆମର ଏ ଉତ୍କଳ ଭୂଇଁ । କେତେ ନଦ ନଦୀ ପାହାଡ଼ ଜଙ୍ଗଲ ଘେରା ପକୃତିର ଶୋଭାରାଜି ଅତୁଳନୀୟ । କଳା ସଂସ୍କୃତିର ଉତ୍କର୍ଷତା ଏ ରାଜ୍ୟକୁ ମହନୀୟ କରିଛି । ଦିନେ ଏ ରାଜ୍ୟର ସୀମା ଗଙ୍ଗାଠାରୁ ଗୋଦାବରୀ ଯାଏଁ ଥିଲା ବିସ୍ତୃତ ତାହା ଭାବିଲେ ମନରେ ଗର୍ବ ଆସେ । ଦିନ ଥିଲା ଉତ୍କଳ ଜନନୀ ଗୃହଶତ୍ରୁ, କୁଚକ୍ରୀ, କୁମନ୍ତ୍ରଣା ଯୋଗୁଁ ୧୫୬୮ ରେ ଆଫଗାନ, ମୋଗଲ ଓ ମରହଟ୍ଟା ଶକ୍ତି ଦ୍ୱାରା ଅଧିକୃତ ହୋଇଥିଲା । ପାଇକର ଶକ୍ତି ଓ ସାମର୍ଥ୍ୟ ମାଟିରେ ମିଶି ଯାଇଥିଲା । ୧୮୦୩ ମସିହାରେ ଓଡିଶା ଇଂରେଜ ଶାସନର କବଳିତ ହେଲା ମାନଚିତ୍ରରୁ ଓଡିଶାର ଅସ୍ତିତ୍ୱ ହରାଇଲା । ଏହା ଥିଲା ଗଭୀର ଦୁଃଖ ଓ ପରିତାପର ବିଷୟ । କୋଣ ଅନୁକୋଣରେ ବ୍ୟାପିଗଲା ପରାଧୀନତାର ବିଦ୍ରୋହର ବହ୍ନି । ସଜାଗ ହେଲେ ଓଡିଆ ଯୋଦ୍ଧା । ବ୍ରିଟିଶ ଶାସନରୁ ମା ମାଟିକୁ ଉଦ୍ଧାରିବା ପାଇଁ ଦୁଇ ବର୍ଷ ମଧ୍ୟରେ ଖୋର୍ଦ୍ଧା ରାଜାଙ୍କ ପ୍ରଧାନମନ୍ତ୍ରୀ ଜୟୀ ରାଜଗୁରୁ ଇଂରେଜ ବିରୁଦ୍ଧରେ ବିଦ୍ରୋହ କରି ବନ୍ଦୀ ହେଲେ ଓ ଫାଶୀ ପାଇଲେ । ୧୮୧୭ ଖୋର୍ଦ୍ଧା ରାଜାଙ୍କ ପ୍ରଧାନ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଆରମ୍ଭ ହେଲା ପାଇକ ବିଦ୍ରୋହ । ଓଡିଆ ସ୍ୱାଧୀନତା ସଂଗ୍ରାମୀ ମାନେ ବିଭିନ୍ନ ପ୍ରାନ୍ତରରେ ଥିବା ଓଡିଆ ମାନଙ୍କୁ ଏକାଠି କରି ଖଣ୍ଡ ବିଖଣ୍ଡିତ ଓଡିଶାକୁ ଏକାଠି କରିବାକୁ ପ୍ରୟାସ ଜାରି ରଖିଲେ କାରଣ ଇଂରେଜ ମାନେ ଗଡଜାତ ରାଜ୍ୟ ମାନଙ୍କୁ କରଦ ରାଜ୍ୟ ଭାବେ ପରିଗଣିତ କରି ପଶ୍ଚିମାଂଚଳ, କେନ୍ଦ୍ରାଂଚଳ ଦକ୍ଷିଣାଂଚଳକୁ ମାନ୍ଦ୍ରାଜରେ ରଖି କଟକ, ପୁରୀ , ବାଲେଶ୍ୱରକୁ ଓଡିଶାର ମାନ୍ୟତା ଦେଲେ । ପଶ୍ଚିମ ବଙ୍ଗଳାରେ ମେଦିନୀପୁର, ଆନ୍ଧ୍ରରେ ଶ୍ରୀକାକୁଲମ, ମଧ୍ୟ ପ୍ରଦେଶର ବସ୍ତର ଜିଲ୍ଲାରେ ବସବାସ କରୁଥିବା ଓଡିଆ ବିଚ୍ଛିନ୍ନାଂଚଳରେ ରହିଗଲେ । ଫଳରେ ଜାତୀୟ ଭାବନା କ୍ଷତିଗ୍ରସ୍ତ ହେଲା । ଜନମତକୁ ଉନ୍ମେଷ କରାଗଲା ସମ୍ବାଦପତ୍ର ଉତ୍କଳ ଦୀପିକା, ଉତ୍କଳ ବାହିକା, ନବ ସମ୍ବାଦ, ଦୈନିକ ଆଶା ପ୍ରଭୃତି ଦ୍ୱାରା ।

୧୮୮୫ ଜାତୀୟ କଂଗ୍ରେସରେ ଭାରତୀୟ ନେତାମାନେ ଏକାଠି ରହି ଦେଶ ସମସ୍ୟା ବିଷୟରେ ଆଲୋଚନା କରି ସରକାର ନିକଟରେ ଦାବୀପତ୍ର ଉପସ୍ଥାପିତ କରିବାକୁ ଚାହିଁଲେ । ସମ୍ବାଦକ, ସୁଲେଖକ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଫକାର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରାୟ, କର୍ମବୀର ଗୌରୀ ଶଂକର, ନୀଳମଣି ବିଦ୍ୟାରତ୍ନ , ମଧୁସୂଦନ ଦାସ ଓଡିଆ ଭାଷା ଭାଷୀଙ୍କୁ ଏକତ୍ରୀକରଣ କରି ୧୮୭୬ ରେ ଦାବୀପତ୍ର ଦେଇଥିଲେ ତତ୍କାଳୀନ ଭାରତ ପ୍ରଶାସକଙ୍କୁ । ୧୯୦୩ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍କଳ ସମ୍ମିଳନୀ ବସିଲା । ଉତ୍କଳ ଗୌରବ ମଧୁସୂଦନ ଦାସ ଥିଲେ ଏହାର ଆବାହକ । ସେ ସ୍ୱତନ୍ତ୍ର ଓଡିଶା ଗଠନ ପାଇଁ ଦାବୀ ଜଣାଇଲେ । ସରକାର କିଛି ପଦକ୍ଷେପ ନ ନେବାରୁ ବିଲାତ ଯାଇ କମିଶନରଙ୍କୁ ଜଣାଇଲେ । ଫଳରେ ବିହାର ଓଡିଶାକୁ ବଙ୍ଗଳାରୁ ଅଲଗା କରାଗଲା ସ୍ୱତନ୍ତ୍ର ଓଡିଶା ହୋଇ ପାରିଲାନି । ପରମ ଦେଶଭକ୍ତ ପାରଳାର କୃଷ୍ଣଚନ୍ଦ୍ର ଗଜପତି ୧୯୨୦ ରେ ଏହି ସ୍ୱତନ୍ତ୍ର ପ୍ରଦେଶ ଦାବୀ ଉଠାଇଲେ ତାଙ୍କ ସହ ଥିଲେ ଗୋପବନ୍ଧୁ ଦାସ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶଶିଭୂଷଣ ରଥ, ପର୍ଶୁରାମ ପାତ୍ର, ଭାସ୍କର ଚନ୍ଦ୍ର ମହାପାତ୍ର, ଏସ ଏନ୍ ରାଜଗୁରୁ, ହରିହର ମହାପାତ୍ର କନିକା, ଧରାକୋଟ, ଖଲିକୋଟ, ପାରିକୁଦ, ଖଡିଆଳ ଓ ବୋଡାସମ୍ବର ରାଜା ଗୋରାଚାନ୍ଦ ପଟ୍ଟନାୟକ, ପୁରୀ ଏମାର ମଠ ମହନ୍ତ ପ୍ରମୁଖ ଆହୁରି ଅନେକ । ଶେଷରେ ସାଇମନ କମିଶନ ଓ ଓଡୋନେଲ୍ କମିଟି ଏ ବିଷୟ ଅନୁଧ୍ୟାନ କଲେ । ଲଣ୍ଡନ ଗୋଲଟେବୁଲ ବୈଠକରେ ଯୋଗଦେଇ ପାରଳା ଗଜପତି ସେହି ଦାବୀ ଉପସ୍ଥାପିତ କଲେ । ଇଣ୍ଡିଆ ଅଫିସ ପକ୍ଷରୁ ପ୍ରସ୍ତୁତ ଶ୍ୱେତପତ୍ରରେ ଓଡିଶା ପ୍ରଦେଶ ଗଠନ ହେବା କଥା ପ୍ରକାଶ ହେଲା । ୧୯୩୬ ଜାନୁଆରୀ ୩ ପ୍ରିଭି କାଉନସିଲଙ୍କ ପରାମର୍ଶ ଅନୁସାରେ ଏ ସମ୍ପର୍କରେ ନିର୍ଦ୍ଦେଶନାମା ପ୍ରକାଶ ପାଇଲା ସେହି ବର୍ଷ ଅପ୍ରେଲ ପହିଲାରେ ଓଡିଶା ପ୍ରଦେଶ ଗଠିତ ହେବ ବୋଲି ସ୍ଥିର ହେଲା । ଓଡିଆ ଭାଷା ଭାଷୀ ୨୬ଟି ଦେଶୀୟ ରାଜ୍ୟର ଲୋକମାନଙ୍କୁ ଏକାଠି ସଂଗଠିତ କରିବା ବହୁତ କଷ୍ଟକର ଥିଲା ଯାହା ମଧୁବାବୁଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀ ଗଠନ ଦ୍ୱାରା ସମ୍ଭବ ହେଲା । ଓଡିଆ ସମ୍ବାଦପତ୍ର ଦ୍ୱାରା ଓଡିଆ ଜାତୀୟତା ବଢ଼ିଲା ।



ରେଭେନ୍ସା କଲେଜରେ ନୂତନ ପ୍ରଦେଶ ଗଠନ ପାଇଁ ଦରବାର ଆୟୋଜନ ହେଲା । ପ୍ରଥମ ରାଜ୍ୟପାଳ ସାର୍ ଜନ୍ ଅଷ୍ଟିନ ହବାକ୍ ତାଙ୍କ ପତ୍ନୀ ଲେଡି ହବାକ୍ ତାଙ୍କର ପ୍ରାଇଭେଟ ସେକ୍ରେଟାରୀ ସ୍ୱତନ୍ତ୍ର ଟ୍ରେନରେ ଆସି ଓଡିଶା କଟକରେ ପହଂଚିଲେ । ବିହାର ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତାଙ୍କୁ ଶପଥପାଠ କରାଇଥିଲେ । ଏହି ଦରବାର ଉତ୍ସବରେ୫ ଟି ସଙ୍ଗଠନ ଅଂଶଗ୍ରହଣ କରିଥିଲେ ଯଥା ଓଡିଶା ପିପୁଲସ୍ ଆସୋସିଏସନ, ଓଡିଶା ମହମେଡାନଆସୋସିଏସନ, ଓଡିଶା ଜମିଦାର ଆସୋସିଏସନ, ଓଡିଶା ଚାମ୍ବର ଅଫ କମର୍ସ, ନିଖିଳ ଉତ୍କଳ ଡୋମିସାଇଲଡ ବେଙ୍ଗଲିଜ୍ ଆସୋସିଏସନ । ୧୯୧୨ ରେ ବିହାର ଓଡିଶା ଓ ବଙ୍ଗରୁ ପୃଥକ ହୋଇ ସ୍ୱତନ୍ତ୍ର ହେଲା । ୧୯୩୬ ଅପ୍ରେଲ ୧ ରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ର ମାନ୍ୟତା ପାଇଲା ଅନେକ ପ୍ରତିକ୍ଷିତ ଦିନଟି ଉତ୍କଳ ଦିବସ ରୂପେ ମନାଗଲା । ରାଜ୍ୟ ପୁନର୍ଗଠନ ପରେ ବି ଓଡିଶା ବାହାରେ ରହିଗଲା ବିହାର ସିଂହଭୂମ ଜିଲ୍ଲାରେ ଷଡେଇକଳା, ଖରସୁଆଁ , ପଶ୍ଚିମ ବଙ୍ଗରେ ମେଦିନୀପୁର,ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲାରେଅନେକ ଅଂଚଳ , ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରେ ଲକ୍ଷ ଲକ୍ଷ ଓଡିଆ ଆଜିବି ବିଚ୍ଛିନ୍ନ ହୋଇ ରହିଗଲେ ଫଳରେ ସାହିତ୍ୟ ସଂସ୍କୃତି ର ଅବକ୍ଷୟ ଘଟୁଛି । ସେଠାରେ ଥିବା ଅନେକ ଲୋକ ଓଡିଆ ସଂସ୍କୃତିକୁ, ଭାଷାକୁ ଭୁଲିଗଲେଣି ଏହି ଦିଗରେ ଯତ୍ନବାନ ହେବା ଜରୁରୀ । ଅନେକ ଲୋକ ପିଲାମାନଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢ଼ାଇବା ଦ୍ୱାରା ଓଡିଆ ଭାଷାର ପ୍ରସାର ପ୍ରଚାର ଦିଗରେ ଅନ୍ତରାୟ ଘଟୁଛି । ଓଡିଆ ପର୍ବ ପର୍ବାଣି, ପିଠା ପଣା ଭୁଲି ସମସ୍ତେ ଆଧୁନିକତାର ଚଳଣିକୁ ଆପଣେଇଲେଣି । ଏହା ମଧ୍ୟ ଆମ ସଂସ୍କୃତିକୁ ଅବକ୍ଷୟ ଆଡକୁ ଟାଣିନେଉଛି । ଆସନ୍ତୁ ଏ ଦିଗରେ ସମସ୍ତେ ଓଡିଆ ଭାଷା ଭାଷୀ ସଚେତନ ରହି ଆମ ସଂସ୍କୃତିକୁ ବଂଚାଇବା ଆଜି ଦିବସର ମୂଳଲକ୍ଷ୍ୟ ହେଉ । ଗୋଟେ ସୁନ୍ଦର ଓଡିଶା ଗଠନ ପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ସାଧାରଣ ଜନତା ଯାଏଁ ସମସ୍ତେ ପ୍ରୟାସ କରିବା ଦରକାର । ଆମ ଭାଷା ହିଁ ଆମର ପରିଚୟ । ବିଶ୍ୱ ଦରବାରରେ ବିଶ୍ୱ ପ୍ରାଣରେ ଓଡିଆର ଦେବତା ଜଗନ୍ନାଥ ଆଜି ବି ଓଡିଆର ଜାତୀୟ ଦେବତା ରୂପେ ପରିଗଣିତ । କୋଣାର୍କ ମନ୍ଦିର, ପିପିଲି ଚାନ୍ଦୁଆ ରଘୁରାଜପୁରର ପଟ୍ଟଚିତ୍ର , ଓଡିଆ ପାଇକ, ଛଉ ନୃତ୍ୟ ,ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଓଡିଶାର ମା ମାଟି ମମତା ବିଷୟରେ ପରିଚୟ ଦେଉଛି । ପ୍ରକୃତି ରାଣୀ ଚିଲିକା, ନଳବଣ, ଭିତର କନିକା, ବାଲୁକା କଳା ଆଜି ବି ଓଡିଆର ପରିଚୟ ବଜାୟ ରଖିଛି । ଏ ଜନ୍ମମାଟିର ଦାୟାଦ ହୋଇ ଆମେ ଯଦି ଓଡିଆ କହିବାନି, ଲେଖିବାନି, ପଢ଼ିବାନି ତେବେ ଦିନ ଆସିବ କୋଣାର୍କ ଟିଭି, ବେତାର ଗ୍ରାମଫୋନ, ଓଡିଆରେ ଚିଠି ଲେଖା ସବୁ ବିଲୁପ୍ତ ପ୍ରାୟ ହେଲାପରି ଓଡିଆ ଭାଷାରେ ଅନ୍ୟ ଭାଷା ଧସେଇ ପଶିଥିବ । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସେବା, ତ୍ୟାଗ, ନିଷ୍ଠା ଜାତିପ୍ରେମ,ବଳିଦାନର କିଛି ମହତ୍ୱ ରହିବନାହିଁ । ତେଣୁ ସ୍ୱତନ୍ତ୍ର ପ୍ରଦେଶ ଉତ୍କଳ ଗଠନର ସ୍ୱପ୍ନକୁ ସାକାର କରିବା, ସମ୍ମାନ ଦେବା ଓଡିଆ ଭାଷା ପ୍ରତି,ମାଟି ମା ପ୍ରତି ଆନୁଗତ୍ୟ ରହିବା ପ୍ରତ୍ୟେକ ଓଡିଶାବାସୀଙ୍କର ମୌଳିକ କର୍ତ୍ତବ୍ୟ ହେବା ଦରକାର । କାରଣ ଭାଷା ବଂଚିଲେ ଜାତି ବଂଚିବ , ଜାତି ବଂଚିଲେ ଓଡିଶା ବଂଚିବ । ଉତ୍କଳ ଜନନୀ ହସିଉଠିବ । କଳା, ସଂସ୍କୃତି, ଐତିହ୍ୟ, ସାହିତ୍ୟ ସବୁ ବଂଚି ରହିବ ଯୁଗ ଯୁଗକୁ ।

ବନ୍ଦେ ଉତ୍କଳ ଜନନୀ ।

+ଭୁବନେଶ୍ୱର
ମୋ: ୭୯୭୮୧୧୦୪୭୪

କାହା ପାଇଁ ଓଡ଼ିଶା ଦିବସ ?

ଅଲେଖ ଚନ୍ଦ୍ର ସାମଲ



୧୯୩୬ ମସିହା ଏପ୍ରିଲ ୧, ଏହିଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଲା । କିନ୍ତୁ ସେବେଠାରୁ ଓଡ଼ିଶା ନିଜର ସ୍ୱତନ୍ତ୍ର ପରିଚୟ ପାଇଥିଲେ ବି ବିଭିନ୍ନ ସମୟରେ ରାଜ୍ୟର ଦାୟିତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀମାନେ ଏହାକୁ ଉତ୍ସବ ଭାବେ ପାଳନ କରି ନଥିଲେ । ପରବର୍ତ୍ତୀ ପିଢ଼ି ଓଡ଼ିଶା କେବେ ସ୍ୱତନ୍ତ୍ର ରାଜ୍ୟ ହେଲା ତାହାକୁ ଯେପରି ଭୁଲି ନ ଯିବେ ସେଥିପାଇଁ ନନ୍ଦିନୀ ଶତପଥୀ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପ୍ରଥମକରି ୧୯୭୫ ମସିହାରେ ଓଡ଼ିଶାର ଜନ୍ମଦିନ ପାଳନ ଆରମ୍ଭ କଲେ । ସେହି ବର୍ଷଠାରୁ ପ୍ରତିବର୍ଷ ଏପ୍ରିଲ ପହିଲାକୁ ସରକାରୀ ସ୍ତରରେ ଓଡ଼ିଶା ଦିବସ ଭାବେ ପାଳନ କରାଯାଇ ଆସୁଛି । କେବଳ ଆମ ରାଜ୍ୟରେ ନୁହେଁ, ଦେଶର ବିଭିନ୍ନ ରାଜ୍ୟରେ ଓ ବିଦେଶରେ ରହୁଥିବା ଓଡ଼ିଆମାନେ ମଧ୍ୟ ଏହି ଉତ୍ସବ ପାଳନ କରିଆସୁଛନ୍ତି । ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ 'ଓଡ଼ିଶା' ପ୍ରଥମ ହୋଇଥିଲେ ହେଁ ଓଡ଼ିଆ ଭାଷା, ସଂସ୍କୃତି ଏବେ ସଂକଟରେ । ଆଉ ସମୟ ନାହିଁ ଏବେ ଆସିଛି ଆତ୍ମସମୀକ୍ଷାର ବେଳ, ସଂକଳ୍ପ ନେବାର ବେଳ । ଓଡ଼ିଶା ଦିବସ । ଓଡ଼ିଶାର ଏକାନ୍ତ ନିଜସ୍ୱ । ପ୍ରତିଟି ଓଡ଼ିଆ ଗର୍ବ କରିବାର ଏକ ମସ୍ତବଡ଼ ଅବକାଶ । ହେଲେ ଏହି ଦିବସଟି ଓଡ଼ିଶାର ଭବିଷ୍ୟତ କୁହାଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ କିଛି ମାନେ ରଖୁନି । କେବଳ ଅଲଗା ଛୁଟିଦିନ ପରି ଗୋଟେ ଛୁଟିଦିନ । ତେଣୁ ଏହା ସେମାନଙ୍କୁ ନିରାଶ କରିବା ସହ ହତୋତ୍ସାହିତ କରିଥାଏ ବାସ୍ତବ କଥା ହେଉଛି ପବିତ୍ର ଉତ୍କଳ ଦିବସ କ'ଣ ଓ କାହାପାଇଁ କେହି ପ୍ରାୟତଃ ବୁଝିବାର ଅବକାଶ ନ ପାଇବି କେହି କେହି ଏହି ଦିନଟି ବିଚିତ୍ର ଭାବନାରେ ଦିନଟିଏ ପାଇଁ ଓଡ଼ିଆ ଭାବନାର ପ୍ରମାଣ ଦେଉଥିଲେ ବି କେହି କେହି ଅପ୍ରେଲଫୁଲ୍‌ର ମାୟାରେ ବାୟା ହୋଇଥାନ୍ତି । ତେବେ ସଂପ୍ରତି ଉତ୍କଳ ଦିବସକୁ ଯେତେକି କେହି ମନେ ନପକାନ୍ତି ବରଂ ଅପ୍ରେଲ୍‌ଫୁଲ୍ ଭାବରେ ଜଣେ ଖାଣ୍ଟି ବିଦେଶୀ ଭାବରେ ଅପ୍ରେଲ୍‌ଫୁଲ୍ କହି ଭକୁଆ ବନାଇ ବାହାଦୂରୀ ନେବା ପାଇଁ ପଛେଇ ନଥାନ୍ତି । ଏହି ଲେଖକ ପ୍ରାୟତଃ ପବିତ୍ର ଉତ୍କଳ ଦିବସ ଦିନ କିଛି ବିଚିତ୍ର କଲ୍ ପାଇଥାଏ ଯାହାର ପରବର୍ତ୍ତୀ ଧାଡ଼ିଟି ଥାଏ '... ହେଇ ତମେ ଅପ୍ରେଲ୍‌ଫୁଲ୍ ହେଲ' । ବାସ୍ତବରେ ଏହି ପବିତ୍ର ଦିନର ସ୍ମୃତି ବିଜଡ଼ିତ ପଦଚିହ୍ନକୁ କେହି ନାଁ ଧରିବା ପାଇଁ ନାଁ କେହି ଛୁଇଁବା ପାଇଁ, ନାଁ କେହି ପ୍ରୟାସ କରିଥାନ୍ତି ଇଏ ହେଉଛି ବିଶ୍ୱର ଅନ୍ୟତମ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଭାରତର ଅଧିବାସୀ ମାନଙ୍କ ନିଜ ମାତୃଭୂମିର ସୃଷ୍ଟି ଦିନଟିକୁ ନେଇ ପାଶ୍ଚାତ୍ୟ ସଂସ୍କୃତିର ବିଚିତ୍ର ଭାବନା । ଉତ୍କଳ ଦିବସଟି ଆମ ମାଟିମାଆର କାଳଜୟୀ ବରପୁତ୍ରଙ୍କ ବଳୀଦାନର, ଆତ୍ମଉତ୍ସର୍ଗର, ମାତୃଭାଷା, ମାତୃଭୂମିକୁ ଭଲପାଇବାର ଶ୍ରେଷ୍ଠ ମୁହୂର୍ତ୍ତ ଓ ପବିତ୍ର ଦିନଟି ହୋଇଥିଲେ ବି ଫେସନ୍ ଓ ଅନୁକରଣ ସଂସ୍କୃତିର ନିଶାରେ ସମସ୍ତଙ୍କ ସହ ବାୟା ହେଲାପରି ଆମ୍ଭେମାନେ ବାୟା ହୋଇଥାଉ । ପୂର୍ବ ପୁରୁଷମାନେ କେତେ କଷ୍ଟରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଢ଼ିତୋଳିଲେ, ଅଥଚ ଆମେ ସେହି ଦିନରେ ଘରେ ବସି ମଉଜ ମଜଲିସ୍ କରିବାକୁ ବରଂ ଗୁରୁତ୍ୱ ଦେଉଥାଉ । ବରଂ ଏହି ପବିତ୍ର ଓଡ଼ିଶା ଦିବସରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବକ୍ତୃତା ପ୍ରତିଯୋଗିତା, ଆଲୋଚନାଚକ୍ର ଏବଂ ଓଡ଼ିଶାର ବରପୁତ୍ରଙ୍କ ଜୀବନୀ ସମ୍ପର୍କରେ ଆଲୋଚନା ହେବା ଦରକାର । ଏହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ଚିନ୍ତାଧାରା ସୃଷ୍ଟି କରିବା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କରେ ଅଧିକ ସଚେତନ କରାଇବ । ଖୋଲାମଞ୍ଚରେ ରାଜ୍ୟର ସମସ୍ୟା ଓ ଓଡ଼ିଶାର ସ୍ୱପ୍ନ ଏବଂ ସମ୍ଭାବନା ନେଇ ବିତର୍କ ହେବା ଦରକାର । ଏପରି କରାଗଲେ ହୁଏତ ଓଡ଼ିଶା ଦିବସର ମାହାତ୍ମ୍ୟ ଛାତ୍ରୀଛାତ୍ର ବୁଝି ପାରନ୍ତେ । ଖାଲି ପାଳନ କରିଦେଲେ ଉତ୍ସବ ପାଳନର ଲକ୍ଷ୍ୟ ସାଧିତ ହୁଏନି । ପୂରା ଓଡ଼ିଶାବାସୀଙ୍କୁ ଏଥିରେ ସାମିଲ କରିବା ଦରକାର । ବିଶେଷକରି ଛାତ୍ରୀଛାତ୍ରଙ୍କୁ ଉତ୍ସବରେ ସାମିଲ କରି ସେମାନଙ୍କୁ ରାଜ୍ୟର ବରପୁତ୍ରଙ୍କ କାହାଣୀ ସମ୍ପର୍କରେ ଆଉ ଥରେ ସ୍ମରଣ କରାଇଲେ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ରହିବ । ତେବେ ଯାହା ହେଉନା କାହିଁକି ନିଜ ମାଆ, ମାଟି, ଜନ୍ମଭୂମି, ଭାଷା ଓ ତ୍ୟାଗୀ ବରପୁତ୍ରଙ୍କ ନିଃସ୍ୱାର୍ଥପର ବଳୀଦାନକୁ କୃତଜ୍ଞତାପୂର୍ବକ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିଜ ମାତୃଭାଷାକୁ ଭଲପାଇ ମାତୃଭୂମି ପାଇଁ ନିଜ ଗୁରୁଦାୟିତ୍ୱ ସମ୍ପର୍କରେ ସଚେତ ହୋଇ ରାଜ୍ୟର ପ୍ରଗତିରେ ଭାଗିଦାର ହେବାର ଶ୍ରେଷ୍ଠ ଶପଥ ଦିବସ ହେଉଛି ଉତ୍କଳ ଦିବସ । ପୂର୍ଣ୍ଣପ୍ରାଣରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟବୋଧତାକୁ ଗୁରୁତ୍ୱ ଦେଇ ଏହି ଦିନରେ ଆସନ୍ତୁ ଶପଥ ନେବା ନିଜ ଜନ୍ମଭୂମି ଓ ମାଆ ମାଟି ପ୍ରତି ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦିତ କରିବା ।

+ଓଏଫଏସ୍-୧ (ଏସ୍.ବି.)
ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨୩

ଉତ୍କଳର ଜନ୍ମ ପର୍ବ

ପ୍ରତାପ ଚନ୍ଦ୍ର ସାହୁ

ପ୍ରଥମ ଭାଷା ଭିତିକ ରାଜ୍ୟ ଭାବେ 'ଉତ୍କଳ' ଜନ୍ମ ଲାଭ କରିଥିଲା ୧୯୩୬ ମସିହା ଏପ୍ରିଲ୍ ପହିଲା ଅର୍ଥାତ ଏକ ତାରିଖରେ । ସମଗ୍ର୍ ଦେଶ ରେ ଏକ

ବିଶ୍ୱ ଉତ୍କଳ ଜନନୀ

ଧ୍ୱନି ପ୍ରତିଧ୍ୱନି

୬

♣ ବାଲେଶ୍ୱର ♣ ଶନିବାର, ୧ ଏପ୍ରିଲ ୨୦୨୩

ଉତ୍କଳ ଦିବସ

ଶିବ ପ୍ରସାଦ ବାହିନୀପତି

'ଉତ୍କଳ ସାମ୍ରାଜ୍ୟ' ଅଧୁନାତନ ଭାରତର ଓଡ଼ିଶାର ଉତ୍ତର ଓ ପୂର୍ବ ଭାଗରେ ଅବସ୍ଥିତ ଥିଲା । ମହାଭାରତ ଗ୍ରନ୍ଥରେ ଉତ୍କଳ, ଉତ୍କଳ, ଅକଳ ଓ ଓଡ୍ର ଦେଶ ବିଷୟରେ ବର୍ଣ୍ଣିତ ଅଛି । ଭାରତର ଜାତୀୟ ସଙ୍ଗୀତରେ ମଧ୍ୟ ଏ ନାମ ଦୃଶ୍ୟମାନ । ମଧ୍ୟଯୁଗରେ ଏହା ଅତ୍ୟନ୍ତ କଳାର ଦେଶ ଥିଲା ବୋଲି ଇତିହାସ କହେ । ତେଣୁ ମଧ୍ୟଯୁଗରେ ପୁରାତନ ସାହିତ୍ୟରେ ଏହାକୁ ଉତ୍କଳ ବୋଲି ଅଭିହିତ କରାଯାଇଥିଲା । ମହାଭାରତରୁ ଜଣାଯାଏ ଯେ, ଉତ୍କଳର ବାସିନ୍ଦାମାନେ କୁରୁକ୍ଷେତ୍ର ଯୁଦ୍ଧରେ କୌରବଙ୍କ ପକ୍ଷରୁ ଲଢ଼ିଥିଲେ । ପୁଣି ଏଇ ଗ୍ରନ୍ଥରେ ଉଲ୍ଲେଖ ଅଛି ଯେ , ଦୁର୍ଯ୍ୟୋଧନଙ୍କ ପତ୍ନୀ କଳିଙ୍ଗ ବା ଉତ୍କଳର ଅଧିବାସୀ ଥିଲେ । ଏହି ଉତ୍କଳ ର ପୂର୍ବବର୍ତ୍ତୀ ନାମ ଅଙ୍ଗ, ବଙ୍ଗ , କଳିଙ୍ଗ , ପୁଣ୍ଡ୍ର , ସୁହମା ଥିଲା ବୋଲି ମହାଭାରତରୁ ଜଣାଯାଏ । ସେତେବେଳେ ଏହାର ଦୁଇଟି ରାଜଧାନୀ ଥିଲା ; ତାହା ହେଲା ଦନ୍ତପୁର ଓ ରାଜପୁର । ଦନ୍ତପୁର ହେଉଛି ଆଜିର ପୁରୀ ସହର ଯାହା ସହଦେବଙ୍କ ଦ୍ୱାରା ଅଧିକୃତ ହୋଇଥିବାର ଜଣାଯାଏ । ଆମର ଏ ଉତ୍କଳ ଏବେ ଓଡ଼ିଶା ନାମରେ ପରିଚିତ । ଏହା ଆୟତନରେ ନବମ ଓ ଜନସଂଖ୍ୟାରେ ଏଗାରତମ ରାଜ୍ୟ ଏବଂ ଏହାର ସରକାରୀ ଭାଷାଟି ଓଡ଼ିଆ ଅଟେ । ୧୯୩୬ ମସିହା ଅପ୍ରେଲ ୧ ତାରିଖରେ ସ୍ୱତନ୍ତ୍ର ପ୍ରଦେଶ ଭାବରେ ନବଗଠିତ ହୋଇଥିବାରୁ ପ୍ରତିବର୍ଷ ଏହି ଦିବସଟିକୁ ଅର୍ଥାତ୍ ? ଅପ୍ରେଲ ୧ ତାରିଖକୁ ଉତ୍କଳ ଦିବସ ଭାବରେ ପାଳନ କରାଯାଉଛି । ଭୁବନେଶ୍ୱର ଏହାର ରାଜଧାନୀ । ପୂର୍ବରୁ ଅର୍ଥାତ୍ ଅଷ୍ଟମ ଶତାବ୍ଦିରୁ ଅଧିକ ସମୟ ଧରି କଟକ ଥିଲା ଏହାର ରାଜଧାନୀ । ୧୯୪୮ ମସିହା ଅପ୍ରେଲ ୧୮ ତାରିଖରେ ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ ଘୋଷଣା କରାଗଲା ।

ଓଡ଼ିଶା ଶବ୍ଦଟି ମୂଳ ଶବ୍ଦ 'ଓର/ଉର' ବା 'ଓଡ୍ର', 'ଉଡ୍ର' ଦେଶରୁ, 'ସୁମେରୀୟ', ଓଡ୍ର ବିଷୟ ଆଦି ପୁରାତନ ନାମରୁ ଆଗତ । ସବୁଠାରୁ ପୁରାତନ ଲେଖ 'ଉତ୍ତର ତୋଷାଳି' ଅନ୍ତର୍ଗତ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସୋରଠାରୁ ମିଳିଥିବା ତମ୍ବପଟାରେ ଓଡ୍ର ବିଷୟରେ ସୂଚନା ମିଳିଛି । ପାଳି ଓ ସଂସ୍କୃତ ସାହିତ୍ୟରେ ଓଡ଼ିଆ ଲୋକଙ୍କୁ ଯଥାକ୍ରମେ 'ଓଡ଼କ' ଓ 'ଓଡ୍ର' ନାମରେ ନାମିତ କରାଯାଇଛି । ପୁରାତନ ଲେଖକ ଓ ଗବେଷକ ପ୍ଲିନିଦି ଏଲଡ଼ର ଓ ଟଲେମି ଓଡ୍ର ଜଣଙ୍କୁ 'ଓରେଟସ୍' ବୋଲି ନାମିତ କରିଛନ୍ତି । କିମ୍ବଦନ୍ତୀ ରହିଛି ଯାହା ଓଡ଼ିଶାରେ ପ୍ରଚଳିତ ଲୋକକଥା :- ଏଟି କଳା ଓ ବାଣିଜ୍ୟର ସଂସ୍କୃତି ପ୍ରଭାବ ବିସ୍ତାରିଥିଲା । ସିଂହଳ (ଶ୍ରୀଲଙ୍କା), ଜାଭା , ସୁମାତ୍ରା , ବାଲି , ବ୍ରହ୍ମଦେଶ (ମିଆଁମାର) , ସାମ (ଥାଇଲାଣ୍ଡ) , ଚୀନ୍ , କାମ୍ବୋଡ଼ିଆ , ଅନାମ (ଭିଏତନାମ), ଜବନ (ଜାପାନ), କୁକୁଟ (କୋରିଆ) , ମକ୍ସିସିଖ (ମେକ୍ସିକୋ), ମିସର (ଇଜିପ୍ଟ), ସିମିଲି (ଆରବ), ବାବଲିନ୍ (ଇରାକ) ଇତ୍ୟାଦି ସ୍ଥାନରେ ଆମର ନିର୍ମାଣ - କଳା ଓ ବାଣିଜ୍ୟ - ସଂସ୍କୃତି- ଇତିହାସର ଚିହ୍ନ ଏବେ ବି ଦୃଶ୍ୟମାନ । ସମ୍ଭବତଃ ଲୋକତନ୍ତ୍ର ପ୍ରଚଳିତ ଥିଲା ।

ସପ୍ତମ ଶତାବ୍ଦିରେ ଆମ ରାଜ୍ୟର ଶାସକଗଣ ସ୍ୱାଧୀନ ଥିଲେ ; ସେବେଳେ ଗଙ୍ଗବଂଶୀୟ ରାଜାମାନେ ଶାସନ କରୁଥିଲେ । ୭୯୫ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ଯଯାତି (ମହାସିବ ଗୁପ୍ତ) ସିଂହାସନରେ ବସିଥିଲେ । ଓଡ଼ିଶା ଇତିହାସରେ ଏହା ସ୍ୱର୍ଣ୍ଣଯୁଗ ଥିଲା । ସେ ସମ୍ରାଟ ଖାରବେଳଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କଳିଙ୍ଗ , କାଳଗୋଡ଼ା , ଉତ୍କଳ ଓ କୋଶଳ ଏ ଚାରୋଟି ଭୂଖଣ୍ଡକୁ ମିଶାଇ ବିଶାଳ ସାମ୍ରାଜ୍ୟ ଗଠନ କଲେ । ଏହି ରାଜବଂଶର ଶାସନ ଓଡ଼ିଶାରେ ଖ୍ରୀ. ୩୫୦ରୁ ଆରମ୍ଭ କରି ସୋମ ବଂଶର ଶେଷ ଯାଏଁ ଥିଲା । ଏହି ରାଜ୍ୟକୁ ନେଇ ଗଠିତ ବିଶାଳ ଓଡ଼ିଶାରେ ଅନେକ ଜାତି - ଉପଜାତି ବିଭାଜିତ ହୋଇଥିବାରୁ ଏକ ବିଶେଷ ବଣିକ ଜାତିର ଉତ୍ପତ୍ତି ହେଲା । ସେମାନେ ସାଧବର ପରିଚୟ ପ୍ରାପ୍ତ କରିଲେ । ବୈଶ୍ୟ ଓ ଶୁଦ୍ରମାନେ ରାଜ୍ୟର ଅନ୍ତ - ବାଣିଜ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ସେମାନେ ଚାଷୀଙ୍କ ଠାରୁ କୃଷିଜାତ ଦ୍ରବ୍ୟ ଆଣି ପେସାଗତ ବେପାରୀଙ୍କୁ କୃଷିଜାତ ଓ ଶିଳ୍ପଜାତ ଦ୍ରବ୍ୟ ଯୋଗାଉଥିଲେ । ଏହି କ୍ରୟ - ବିକ୍ରୟର ମୁଖ୍ୟ ମାଧ୍ୟମ ଥିଲା ସୁନା , ରୂପା , ମୁଦ୍ରା , କଉଡ଼ି । ଏ ସମୟରେ ବଙ୍ଗୋପସାଗର ତଟଦେଶରେ ପ୍ରସିଦ୍ଧିଲାଭ କରିଥିବା 'ଚରିତ୍ରପୁର' ବନ୍ଦର ଦେଇ ଚୀନ୍ , ଶ୍ରୀଲଙ୍କା , ଜାଭା ଆଦି ସହ ଆମ ରାଜ୍ୟର ବେପାର ବଣିଜ ଚାଲୁଥିଲା । ୧୬ଶ ଓ ୧୭ଶ ଶତାବ୍ଦିରେ ଓଡ଼ିଶାର ବାହାର ବାଣିଜ୍ୟ ଉନ୍ନତି ସାଧନ କରିଥିଲା ; କିନ୍ତୁ ବର୍ଷର ରାଜନୈତିକ ଅସ୍ଥିରତା ପାଇଁ ଅର୍ଥନୀତିର ପ୍ରଗତିରେ ବାଧା ଆସିଥିଲା ।



୧୮୦୩ ବେଳକୁ ଇଂରେଜମାନେ ଓଡ଼ିଶା ଅଧିକାର କରିସାରିଥିଲେ । ସେତେବେଳକୁ ଓଡ଼ିଶାର ଏହି ଅର୍ଥନୀତିର ଅଧପତନ ଚରମ ସୀମାରେ ପହଞ୍ଚି ଥିଲା । ଇଂରେଜମାନେ ବଣିକ ଥିବାରୁ ଓଡ଼ିଶାକୁ ସେମାନେ ନିଜର କର ଆଦାୟର ମୁଖ୍ୟ ଭାବରେ ଗ୍ରଣ କରି ୧୮୦୫ ମସିହା ବେଳକୁ ରେଗୁଲେସନ ଆକ୍ଟ୍ ଓ ୧୮୦୮ରେ ଭୂରାଜସ୍ୱ ବନ୍ଦୋବସ୍ତ ପ୍ରଚଳନ କରିଥିଲେ । ୧୮୨୫ ବେଳକୁ ଏକାଧିକ ବନ୍ଦୋବସ୍ତ ପ୍ରଚଳନ ହେତୁ ଓଡ଼ିଶା ଶିଳ୍ପ - ବାଣିଜ୍ୟର ଧ୍ୱଂସ ସାଧନ ଲକ୍ଷ୍ୟରେ ଏଠୁ ବିଲାତକୁ କଞ୍ଚାମାଲ୍ ନେଇ ସେଠାରୁ ଓଡ଼ିଶାକୁ କଳକବ୍‌ଜା ଆମଦାନି ବାଣିଜ୍ୟ ବେପାରର ଆରମ୍ଭ ହୋଇଥିଲା । ଏଥି ସହିତ ଜନସାଧାରଣଙ୍କ ଉପରେ ଲବଣ କର ଲାଗୁ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ଅସ୍ଥିକୁ ଭାଙ୍ଗି ପକାଇଥିଲା । ଇଂରେଜ ଅମଳରେ ସମଗ୍ର ଭାରତୀୟ ଉପମହାଦେଶ ଗୁଡ଼ିକରେ ମାରୁଆଡ଼ୀ ଓ ବଙ୍ଗାଳୀ ଓକିଲ ଓ ଅନ୍ୟ ବୁଦ୍ଧିଜୀବୀଙ୍କ ପ୍ରରୋଚନାରେ ଓଡ଼ିଶାର ବିଭିନ୍ନ ଜାଗାରୁ କଞ୍ଚାମାଲ୍ ସଂଗ୍ରହ କରି ଓଡ଼ିଶାର ଅର୍ଥନୀତିର ବଜାରକୁ ନିୟନ୍ତ୍ରଣ କରୁଥିଲେ । ଏଥିରେ ଲାଭରେ ରହୁଥିଲେ ବିଦେଶୀ । ଓଡ଼ିଶାର ସାମାଜିକ ବିଧିବ୍ୟବସ୍ଥା , ଧାର୍ମିକ ବିଶ୍ୱାସ କ୍ଷୁଣ୍ଣ କରିବାକୁ ଚେଷ୍ଟିତ ଇଂରେଜ କମ୍ପାନୀ ସରକାର ୧୮୬୬ରେ 'ନଅଙ୍କ ଦୁର୍ଭିକ୍ଷ' ସୃଷ୍ଟି କରିଥିଲେ । ଫଳତଃ ଓଡ଼ିଶାର ଦୁଇ ତୃତୀୟାଂଶ ଲୋକ ଅନାହାରରେ ପୋକମାଛି ପରି ମଲେ କିମ୍ବା କଲିକତାରେ ବିକ୍ରି ହେଲେ । ବିଶେଷ ଦ୍ରଷ୍ଟବ୍ୟ : ଓଡ଼ିଶାର ମାନବ ଇତିହାସ ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ ବୋଲି ପ୍ରମାଣିତ । ଖ୍ରୀ. ପୂ. ୨୬୧ରେ ମୌର୍ଯ୍ୟ ବଂଶର ସମ୍ରାଟ ଅଶୋକ ଭୁବନେଶ୍ୱର ନିକଟସ୍ଥ ଦୟାନଦୀ କୂଳରେ ଭୟଙ୍କର କଳିଙ୍ଗ ଯୁଦ୍ଧରେ ସେଯାଏଁ ଅପରାଜିତ ଥିବା କଳିଙ୍ଗକୁ ଦଖଲ କରିଥିଲେ । ଏ ଯୁଦ୍ଧର ଭୟାବହତା ତାଙ୍କୁ ଏତେ ପରିମାଣରେ ପ୍ରଭାବିତ କରିଥିଲା ଯେ , ସେ ଯୁଦ୍ଧ ଛାଡ଼ି ଅହିଂସା ପଥର ପଥିକ ହୋଇ ଭାରତ ବାହାରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରି ଉତ୍କଳ ବା କଳିଙ୍ଗର ନାମ ସାର୍ଥକ କରିଥିଲେ । ୧୫୬୮ ଖ୍ରୀ. ଅ. ରେ ବଙ୍ଗଳାର ସେନାପତି କଳାପାହାଡ ଆକ୍ରମଣ , ୧୭୫୧ ଖ୍ରୀ. ଅ. ରେ ଓଡ଼ିଶା ମରାଠୀ ମାନଙ୍କ ଅଧିକୃତ ଏବଂ ପରେ ପରେ ଇଂରେଜ ଶାସନ ଉତ୍କଳର ପ୍ରାଣପିଣ୍ଡରେ ପ୍ରବଳ ଆଘାତ ଦେଇଛି । ୧୯୩୬ରେ ବିଚ୍ଛିନ୍ନ ଅଞ୍ଚଳ ସମୂହକୁ ଏକତ୍ର କରି ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲା ;ଭାଷାକୁ ନେଇ ଗଠିତ ଏହା ପ୍ରଥମ ରାଜ୍ୟ ହେଲ । ୧୮୭୫ରେ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଓ ଦେଶବ୍ରତୀ ବିଚିତ୍ରାନନ୍ଦ ଦାସଙ୍କ ଦ୍ୱାରା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବଙ୍ଗର ତତ୍କାଳୀନ ଲେଫ୍ଟନାଣ୍ଟ୍ ଗଭର୍ନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ସେଦିନଠାରୁ ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୁଆ ପଡ଼ିଥିଲା ।

୧୮୮୨ରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଓଡ଼ିଶାର ପ୍ରଥମ ରାଜନୈତିକ ମଞ୍ଚ ଉତ୍କଳ ସଭା ବା ଓଡ଼ିଶା ଆସୋସିଏସନ ଗଠନ ଏବଂ ୧୮୯୫ରେ ସେଣ୍ଟ୍ରାଲ ପ୍ରୋଭିନ୍ସ ଚିଫ୍ କମିଶନରଙ୍କ ପକ୍ଷରୁ ସମ୍ବଲପୁରର କୋର୍ଟ୍ କଚେରୀ ମାନଙ୍କ ମଧ୍ୟରୁ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ଉଚ୍ଛେଦ ଏବଂ ହିନ୍ଦୀ ଭାଷାର ପ୍ରଚଳନ ଆରମ୍ଭ ହୋଇଥିଲା । ସମ୍ବଲପୁରବାସୀଙ୍କ ମଧ୍ୟେ ତୀବ୍ର ଅସନ୍ତୋଷ ଓ ଜନ ଆନ୍ଦୋଳନ ମୁଣ୍ଡ ଟେକି ଉଠିଥିଲା । ୧୯୦୧ରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କର ନେତୃତ୍ୱରେ ରମ୍ଭା ପ୍ରାସାଦରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଷୟରେ ବିଚାର ଆଲୋଚନା ହୋଇଥିଲା ଯାହା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଉତ୍କଳ ପ୍ରଦେଶ ଗଠନ ପାଇଁ ପ୍ରଥମ ଉଦ୍ୟମ ଥିଲା । ତା'ପରେ ଜାତିର ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଉତ୍କଳ ହିତୈଷିନୀ ଗଠିତ ହେଲା । ୧୯୦୨ରେ ମାନ୍ଦ୍ରାଜରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ସମ୍ମିଳନୀରେ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟ ଯୋଗଦାନ କରି ଓଡ଼ିଶା ଡ଼ିଭିଜନରେ ଗଞ୍ଜାମ ଜିଲ୍ଲାର ମିଶ୍ରଣ ପାଇଁ ଦାବି ଉପସ୍ଥାପନ ଏବଂ ୧୯୦୩ରେ ମଧୁସୂଦନଙ୍କ ବଳିଷ୍ଠ ନେତୃତ୍ୱରେ ଉତ୍କଳ ସମ୍ମିଳନୀର ଜନ୍ମ । ୧୯୦୫ରେ ସମ୍ବଲପୁର ଜିଲ୍ଲାକୁ ମଧ୍ୟପ୍ରଦେଶରୁ କାଢ଼ି ବଙ୍ଗଳା ପ୍ରେସିଡେନ୍ସି ଅନ୍ତର୍ଗତ ଓଡ଼ିଶା ଡ଼ିଭିଜନରେ ମିଶାଗଲା । ୧୯୧୭ରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଗୋଟିଏ ପ୍ରଦେଶ ଅନ୍ତର୍ଗତ କରିବାକୁ ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ କମିଟି ନିକଟରେ ଦାବି ବଢ଼ାଗଲା । ୧୯୨୭ରେ ସାଇମନ୍ କମିସନଙ୍କ ନିକଟରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବି ଉପସ୍ଥାପନ କରାଗଲା । ୧୯୩୧ରେ ଇଂଲଣ୍ଡରେ ଅନୁଷ୍ଠିତ ଗୋଲ ଟେବୁଲ ବୈଠକରେ ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ଯୋଗଦାନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନାର୍ଥେ ଦାବି ଉପସ୍ଥାପନ ଏବଂ ୧୯୩୩ରେ ପାରଳାଖେମୁଣ୍ଡି, ଜୟପୁର ଜମିଦାରକୁ ସ୍ୱତନ୍ତ୍ର ଓଡ଼ିଶା ଗଠନ ପରିକଳ୍ପନାରୁ ବାଦ ଦେଇ ଶ୍ୱେତପତ୍ରର ପ୍ରକାଶ ହେତୁ ଏହା ବିରୋଧରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ବିଶାଳ ଜନ ଆନ୍ଦୋଳନର ଉତ୍ପତ୍ତି । ୧୯୩୫ରେ ଭାରତ ଶାସନ ଆଇନ୍ ମାଧ୍ୟମରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ବିଚାରାଧୀନ ରହିଲା । ୧୯୩୬ ଅପ୍ରେଲ - ୧ରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ, ଏ ଛଅଟି ଜିଲ୍ଲାକୁ ନେଇ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା । ୧୮୭୫ରୁ ପ୍ରାରମ୍ଭ ଓଡ଼ିଶା ପ୍ରଦେଶ ଗଠନର ଉଦ୍‌ଯମ ୧୯୩୬ରେ ୬୧ ବର୍ଷରେ ପୂରଣ ହେଇଥିଲା । ଏଥିରୁ ଜଣାଯାଏ ମଧୁସୂଦନଙ୍କ ଭୂମିକା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କେତେ ମହତ୍ତ୍ୱପୂର୍ଣ୍ଣ । ଉତ୍କଳୀୟ ଜାତିକୁ ନେଇ ତାଙ୍କ କଲମ ନିଃସୃତ ପଦ୍‌ୟଟିଏରୁ ପଦେ ମନେପଡ଼େ :

'ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଚଳାଏ କି ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ।'

ପ୍ରତିବର୍ଷ ଏହି ଅପ୍ରେଲ ପହିଲାକୁ ଉତ୍କଳ ଦିବସ ଭାବରେ ପାଳନ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କଣ୍ଡଧାର ମାନଙ୍କୁ ସମ୍ମାନ ଅର୍ପଣ କରାଯାଏ । ଏହି ଦିନଟିକୁ ମନେ ରଖିବାକୁ ଏବଂ କଣ୍ଡଧାର ମାନଙ୍କ ସ୍ମୃତି ସାଉଁଟିବାକୁ ଏହି ଦିବସ ପାଳନ ହୁଏ ।

+ଭାଟପଡ଼ା, ନିରାକାରପୁର, ପୁରୀ
ପିନ୍-୭୫୨୦୧୯
ମୋ: ୮୯୧୭୪୮୦୫୩୬

ଉତ୍କଳ ସମ୍ମିଳନୀ ଓ ଉତ୍କଳ ଦିବସ

ସୌମ୍ୟରଂଜନ ଭୂୟାଁ

ଆଧୁନିକ ଓଡିଶାର ଜନକ ଉତ୍କଳ ଗୌରବ ମଧୁସୂଦନଙ୍କର 'ଉତ୍କଳ ସମ୍ମିଳନୀ' ଥିଲା ମାନସ ସନ୍ତାନ । ଏହି ସମ୍ମିଳନୀ ମାଧ୍ୟମରେ ଓଡିଶାର ଏକୀକରଣ ପାଇଁ ସେ କେବଳ ଚେଷ୍ଟା କରି ନଥିଲେ ବରଂ ତାଙ୍କ ଦୃଷ୍ଟିରେ ଉତ୍କଳ ସମ୍ମିଳନୀ ଥିଲା ଓଡିଆ ଜାତୀୟତାର ଯଜ୍ଞପୀଠ । ଏହାରି ମାଧ୍ୟମରେ ଓଡିଆ ଅସ୍ମିତାବୋଧର ଜାଗରଣ ସେ କାମନା କରିଥିଲେ । ଓଡିଶାର ରାଜନୈତିକ, ଆର୍ଥନୈତିକ, ସାମାଜିକ-ସାଂସ୍କୃତିକ ସର୍ବବିଧ ବିକାଶ ପାଇଁ ପ୍ରେରଣା ଭୂମି ଏହା ହୋଇପାରିବ ବୋଲି ସେ ସ୍ୱପ୍ନ ଦେଖିଥିଲେ । ମାତୃଭୂମି, ମାତୃଭାଷା, ସଂସ୍କୃତି ଓ ପରମ୍ପରା ହେଉଛି ଜାତୀୟ ଜୀବନର ଆଧାରଶିଳା । ଗୋଟିଏ ଜାତିର ଆତ୍ମ ପରିଚୟ ଓ ସ୍ୱାଭିମାନର ମୂଳଭିତ୍ତି, ଏହାକୁ ଭୁଲି କୌଣସି ଜାତି ପୃଥିବୀରେ ସମୃଦ୍ଧ ହୋଇନାହିଁ । ଏଣୁ ଓଡିଆମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟିପାଇଁ, ହଜି ଯାଇଥିବା ଅତୀତର ସ୍ୱାଭିମାନକୁ ଫେରାଇ ଆଣିବା ପାଇଁ ସେ ଆରମ୍ଭ କରିଥିଲେ ଓଡିଆ ଆନ୍ଦୋଳନ । ପଡୋଶୀ ରାଜ୍ୟର କିଛି ବ୍ୟକ୍ତିଙ୍କ ଭାଷାବିଲୋପ ରୂପକ ହୀନଚକ୍ରାନ୍ତକୁ ପଣ୍ଡ କରି ଓଡିଶାର ଜନ ଜାଗରଣ ସୃଷ୍ଟି ହେଲା । ବିଚିତ୍ରାନନ୍ଦ ଦାସ, ଗୌରୀଶଙ୍କର ରାୟ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ରାମଶଙ୍କର ରାୟ, ଜଗମୋହନ ଲାଲା ଓ ଗୋବିନ୍ଦ ରଥ ପ୍ରଭୃତି ଚକ୍ରାନ୍ତକାରୀଙ୍କ ଚକ୍ରାନ୍ତ ବିରୁଦ୍ଧରେ ଦୃଢ ପ୍ରତିବାଦ କଲେ । ୧୮୬୬ରେ ଉତ୍କଳ ଦୀପିକା, ୧୮୬୮ରେ ବାଲେଶ୍ୱର ସମ୍ବାଦ ବାହିକା, ୧୮୭୩ରେ ଉତ୍କଳ ଦର୍ପଣ, ୧୮୯୭ରେ ଉତ୍କଳ ସାହିତ୍ୟ ଆଦି ପତ୍ରିକା ଓଡିଆ ଭାଷା ସାହିତ୍ୟକୁ ସମୃଦ୍ଧ ଓ ସୁରକ୍ଷା ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କଲେ । ପରେ ହିତବାଦିନୀ, ଉତ୍କଳ ପ୍ରଭା, ଉତ୍କଳ ମଧୁପ, ସଂସ୍କାରକ, ପ୍ରଜାବନ୍ଧୁ, ଶିକ୍ଷାବନ୍ଧୁ, ଉତ୍କଳ ବନ୍ଧୁ, ଗଞ୍ଜାମ ଓଡିଆ, ମୁକୁର, ଆଶା, ସତ୍ୟବାଦୀ, ସମାଜ, ପ୍ରଜାତନ୍ତ୍ର ପ୍ରଭୃତି ପ୍ରମୁଖ ପତ୍ରପତ୍ରିକା ଓଡିଆ ଭାଷା ସାହିତ୍ୟର ପ୍ରସାର କରାଇବା ଦିଗରେ ଅଗ୍ରଣୀ ଭୂମିକା ନିର୍ବାହ କଲେ ।

ଓଡିଆ ଭାଷାବାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରଥମେ ବେସରକାରୀ ଭାବରେ ବିଚିତ୍ରାନନ୍ଦ ଦାସ ଓ ବୈକୁଣ୍ଠ ନାଥ ଦେ ୧୮୭୫ ମସିହାରେ ଛୋଟଲାଟ ସାର ରିଚାର୍ଡ ଟେମ୍ପଲଙ୍କୁ ସ୍ମାରକପତ୍ର ଦେଇଥିଲେ । ଏଥିରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ଓ ରେଳପଥର ପ୍ରସାର ପାଇଁ ଦାବୀ ହୋଇଥିଲା । ଏହି ସମୟରେ ଦକ୍ଷିଣ ଓଡିଶାରେ ଶ୍ରୀ ଉଇଲିୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଓଡିଆଙ୍କ ଦୁଃଖ ମୋଚନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆନ୍ଦୋଳନ ଚାଲିଲା । ଏହି ଆନ୍ଦୋଳନରେ ଉତ୍କଳ ହିତବାଦିନୀ ସଭା ଅଗ୍ରଣୀ ଭୂମିକା ନେଇଥିଲା । ୧୮୮୧ରେ ମଧୁବାବୁ ଓଡିଶାକୁ ଫେରି ୧୮୮୨ ମସିହାରେ ଉତ୍କଳ ସଭାର ସଭାପତି ଦାୟିତ୍ୱ ଗ୍ରହଣ କଲେ । ଏହି ସଭା ଜରିଆରେ ଓଡିଆମାନଙ୍କ ମନରେ ଜାତୀୟତା ଭାବ ଜାଗ୍ରତ କରିବା ପାଇଁ ମାନସିକ ପ୍ରସ୍ତୁତି ଚଳାଇଲେ । ଓଡିଆ ଭାଷାବାଷୀ ଅଞ୍ଚଳର ମିଶ୍ରଣ ପାଇଁ ଉତ୍କଳ ସଭା ତରଫରୁ ବଙ୍ଗର ଲାଟ ଥମ୍ପସନଙ୍କୁ ୧୮୮୫, ବେଲାସାହେବଙ୍କୁ ୧୮୮୮ ଓ ଜନ ଉଡଙ୍କୁ ୧୮୯୮ ରେ ଦାବୀପତ୍ର ପ୍ରଦାନ କରିଥିଲେ । ୧୮୯୭ ମସିହା ଏପ୍ରିଲ ୨୬ ତାରିଖରେ ମଧୁବାବୁ ଇଂଲଣ୍ଡ ଯାତ୍ରା କରି ସେଠାରେ ଭାରତର ଶାସନ ସଚିବ ଜର୍ଜ ହାମିଲଟନଙ୍କୁ ସାକ୍ଷାତ କରି ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଓଡିଆଭାଷାର ପ୍ରଚଳନ ଦାବୀ ଜଣାଇଥିଲେ । ଓଡିଆଙ୍କୁ ଇଂରେଜ ନିକଟରେ ପହଞ୍ଚାଇବା ପାଇଁ ସେ ସମୟରେ ଏକ ଛୋଟ ପ୍ରଦର୍ଶନୀ ମାଧ୍ୟମରେ ଓଡିଶାର ସୂକ୍ଷ୍ମକଳା ଓ କୋଟିକାମକୁ ଇଂରେଜଙ୍କ ସହିତ ପରିଚିତ କରାଇଥିଲେ । ୧୮୯୯ରେ କର୍ଜନଙ୍କ ବଡଲାଟ ହେବାପରେ ଏକ ଦାବୀପତ୍ର ମାଧ୍ୟମରେ ଓଡିଶା ଓ ଓଡିଆଙ୍କ ଦୁର୍ଦ୍ଦଶା ଜଣାଇ ଚିଠି ଲେଖିଥିଲେ । ୧୯୦୦ ମସିହାରେ ସିମଲାରେ କର୍ଜନଙ୍କୁ ସାକ୍ଷାତ କରିବା ସହ ଓଡିଶାର ଦୁର୍ଦ୍ଦଶାକୁ ଦର୍ଶାଇବା ପାଇଁ ତାଙ୍କୁ ପୁରୀ ଓ ଭୁବନେଶ୍ୱର ବୁଲି ଦେଖିବାକୁ ନିମନ୍ତ୍ରଣ କରିଥିଲେ । ୧୯୦୦ ମସିହା ଡିସେମ୍ବର ୧୬ ତାରିଖରେ ବଡଲାଟ କର୍ଜନ ଓଡିଶା ଆସି ଓଡିଆଙ୍କ ଦୁର୍ଦ୍ଦଶା ଦେଖି ବିଚଳିତ ହୋଇଥିଲେ । ଫଳରେ ୧୯୦୩ ମସିହା ଜାନୁଆରୀ

ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସର୍ବୋଦୟ ସଂକଳ୍ପ ଶିବିର ଉଦ୍‌ଯାପିତ

ଭଦ୍ରକ, ୩୧/୦୩ (ନି.ପ୍ର): ଭଦ୍ରକ ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନ ତରଫରୁ ଆୟୋଜିତ ସର୍ବୋଦୟ ସଂକଳ୍ପ ଶିବିର ଚଳିତ ମାସ ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ରାନ୍ଦିଆସ୍ଥିତ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷା ତଥା ପ୍ରାକ୍ତନ ସାଂସଦ ମୀନାକ୍ଷୀ ନଟରାଜନ୍ ଯୋଗଦେଇ ଅଧ୍ୟକ୍ଷତା କରିବା ସହିତ ଗାନ୍ଧୀଜୀ ଓ ଗୋପବନ୍ଧୁଙ୍କ ବିଚାରଧାରା, ଆଦର୍ଶ, ତ୍ୟାଗ, ବଳିଦାନ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ର ନିର୍ମାଣ ଉଦ୍ଦେଶ୍ୟରେ ସଂଗଠନର କାର୍ଯ୍ୟକାରୀତା ଓ ଗୁରୁତ୍ୱ ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ଦେଶର ବର୍ତ୍ତମାନ ପରିସ୍ଥିତି ଜଟିଳ ଥିବାବେଳେ, ସଂଗଠନ କିପରି ଦେଶ ଗଠନରେ ଭାଗିଦାରୀ ଓ ସହାୟକ ହେବ ସେ ବାବଦରେ ପରାମର୍ଶ ଦେଇଥିଲେ। ତୃଣମୂଳସ୍ତରକୁ ଯାଇ ସାଂଗଠନିକ କାର୍ଯ୍ୟକ୍ରମ କରି ଲୋକମାନଙ୍କ ମୌଳିକ ସମସ୍ୟା ସହିତ ଯୋଡ଼ି ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଭାରୀ କୁନାଲ ବାନାର୍ଜୀ, ଆଗାମୀ ଦିନରେ ରାଷ୍ଟ୍ର ଗଠନରେ କଂଗ୍ରେସର ପ୍ରଭାବଶାଳୀ ଭୂମିକା ଉପରେ ମତ ରଖିବା ସହ ସମସ୍ତ କର୍ମୀ ଏଥିପ୍ରତି ଯତ୍ନବାନ ହେବାକୁ କହିଥିଲେ। ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ନିଜ ବକ୍ତବ୍ୟରେ ଗଣତନ୍ତ୍ରର ହତ୍ୟା, ସମସ୍ତ ପ୍ରତିଷ୍ଠାନର ଦୁରୁପଯୋଗ, ଦେଶର ଆଗାମୀ ଭବିଷ୍ୟତ ବାବଦରେ ଆଲୋକପାତ କରିବା ସହିତ ସଂଗଠନକୁ ଅଧିକରୁ ଅଧିକ ମଜବୁତ୍ କରିବାକୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ଜୋନାଲ ସଂଯୋଜକ ବିସ୍ମୟ ମହାପାତ୍ର, ଭଦ୍ରକ-ବାଲେଶ୍ୱର ଜୋନ ସଂଯୋଜକ ତଥା ଭଦ୍ରକ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତି, ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ କିରଣ ନାୟକ, ଜିଲ୍ଲା ସଂଯୋଜକ ପଦ୍ୟୁମ୍ନ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ଗୋଲକଚନ୍ଦ୍ର ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ଚାନ୍ଦ, ଜିଲ୍ଲା ସାଧାରଣ ସଂପାଦକ ପିତବାସ ଧଳ, ଦଳିତ ସେଲ ଜିଲ୍ଲା ସଭାପତି ରଂଜନ ଜେନା, ପ୍ରାକ୍ତନ ବନ୍ତ ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ମହିଳା ଉପ ସଭାନେତ୍ରୀ ଶର୍ମିଷ୍ଠା ପଣ୍ଡା, ଭଣ୍ଡାରିପୋଖରୀ ବ୍ଲକ ସଂଯୋଜକ ମନୋଜ ନାୟକ, ଭଦ୍ରକ ନଗର ସଂଯୋଜକ ବିଜୟ ବାରିକ, ବନବର୍ଜିକୟାଁ ପଞ୍ଚାୟତର ସରପଞ୍ଚ ପୁଷ୍ପାଂଜଳୀ ସ୍ୱାଇଁ, ଗୋରାମାଟି ସମିତି ସଭ୍ୟ ଗୟାଧର ସେଠୀ, ପ୍ରାକ୍ତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ନିରାକାର ସାହୁ, ଶଶିକାନ୍ତ ଜେନା, ହରିହର ମଣ୍ଡଳ, ଧରିତ୍ରୀ ଜେନା, ଦିନବନ୍ଧୁ ଦାସ, ସନ୍ତୋଷ ଦାସ, ବାପୁଜି ପେଢ଼ି, ପ୍ରଫୁଲ୍ଲ ରାଉତ, ସୁଦାମ ଖଣ୍ଡା, ଶରତ ସେଠୀ, ବିଷ୍ଣୁ ମୋହନ ପଣ୍ଡା, ସିଦ୍ଧାର୍ଥ ଜେନା, ରବି ପୁହାଣ, ହରିହର ଖିଲାର, ରଶ୍ମୀରେଖା ଜେନା, ଅର୍ଜୁନ ମୁଦୁଲି, ଅନନ୍ତ ଚରଣ ମଲ୍ଲିକ ଉପସ୍ଥିତ ରହି ଦୁଇ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଗୋବିନ୍ଦପୁର ସମିତିରେ ବ୍ୟାଙ୍କିଙ୍ଗ କର୍ମଶାଳା ଓ ପ୍ରତିମୂର୍ତ୍ତୀ ଉନ୍ମୋଚନ

ଖଇରା, ୩୧/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ସେବା ସମବାୟ ସମିତିରେ ୨୦୨୨-୨୩ ଆର୍ଥୀକ ବର୍ଷ ନିମିତ୍ତ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ସାଙ୍ଗକୁ ପ୍ରତିମୁର୍ତ୍ତୀ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସମିତିଗୃହ ପାଇଁ ଦାନ କରିଥିବା ବ୍ୟକ୍ତି ସ୍ୱର୍ଗତ ମଧୁସୁଦନ ବାରିକଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ କରାଯିବା ସହ ପୁର୍ବତନ ବ୍ଲକ ଅଧ୍ୟକ୍ଷ ଦର୍ଶନ ଚରଣ ରାଉତଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଆୟୋଜିତ ବ୍ୟାଙ୍କିଙ୍ଗ୍ କର୍ମଶାଳାରେ ବୋର୍ଡ ସଭାପତି ରବିନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ବାଲେଶ୍ୱର ଭଦ୍ରକ ସେବା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଷ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ରଶ୍ମିବାଳା ବେହେରା, ସମିତିସଭ୍ୟା ପ୍ରତିନିଧି ଅନନ୍ତ ପ୍ରସାଦ ବେହେରା, ସୁପରଭାଇଜର ପ୍ରଦୀପ ମହାପାତ୍ର, ରିତେଶ କୁମାର ମୁଦୁଲୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱୟଂସହାୟକ ଗୋଷ୍ଠୀ ଋଣ ୩ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରାଯାଇଥିବା ଏବଂ ଚାଷୀଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥିବା ନେଇ ଅତିଥିମାନେ ସୂଚନା ଦେଇଥିଲେ। ସମ୍ପାଦକ ପ୍ରଫୁଲ୍ଲ ଖଣ୍ଡା ବିବରଣୀ ପାଠ ଓ ବିଭୁତି ଭୁଷଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅକ୍ଷୟ କୁମାର ମହାନ୍ତି ପ୍ରଥମ ଶ୍ରାଦ୍ଧବାର୍ଷିକୀ : ପ୍ରତିମୂର୍ତ୍ତି ଉନ୍ମୋଚନ

ଜଳେଶ୍ୱର ୩୧/୩(ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟ ସାହି ପଂଚାୟତର କାଶିମପୁର (ଅମେଇଚଣ୍ଡି) ଗ୍ରାମର ଅକ୍ଷୟ କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇ ଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ରାଜ୍ୟ ଶିକ୍ଷକ ନେତା ଖଗେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିଲେ। ବିଡିଓ ପୁନମ ରାଉତ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ସେ ଜଣେ ସମାଜସେବୀ, ପରୋପକାରୀ, ସରଳ, ମିଷ୍ଟଭାଷୀ, ନିଷ୍କପଟ, ସଚ୍ଚୋଟ ବ୍ୟକ୍ତିଭାବେ ପରିଚିତ ଥିଲେ କହିଥିଲେ । ସ୍ୱର୍ଗତ ଅକ୍ଷୟ ବାବୁଙ୍କ ଜ୍ୱାଇଁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ତଥା ନଛିମପୁର ସମିତି ସଭ୍ୟ ବ୍ରଜମୋହନ ପ୍ରଧାନ, ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ପୂର୍ବତନ ମହାଡାକପାଳ ସନ୍ତୋଷ କମିଳା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗବତ ପରିଡା, ସପନ କୁମାର ଦାସ, ବିଶ୍ୱନାଥ ଦାସ ମହାନାତ୍ର, କାଳିଚରଣ ଦାସ, ନିର୍ମଳ ଚନ୍ଦ୍ର ଦାସ, ଝିଅ ତଥା ସରପଂଚ ମଂଜୁବାଳା ପ୍ରଧାନ, ସୁନିଲ କୁମାର ଭୁୟଁ, ବିଦ୍ୟାଧର ମହାନ୍ତି, ପୁତ୍ର ଅରୁଣ କୁମାର ମହାନ୍ତି ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୱାଇଁ ଡା. ଜୟଗୋପାଳ ଜେନା, ଜ୍ୱାଇଁ ଡ. ଲଳିତ ରଂଜନ ସେନାପତି, ସନ୍ତୋଷ ପ୍ରଧାନ, ଝିଅ ସରୋଜବାଳା ଜେନା, ଚାରୁବାଳା ସେନାପତି, ମୋନାଲିସା ପ୍ରଧାନ, ଅଶୋକ ମହାନ୍ତି, ପୁତ୍ରବଧୂ ଅନୁରାଧା ମହାନ୍ତି, ରିତାରାଣୀ ମହାନ୍ତି, ଅର୍ଚ୍ଚନା ମହାନ୍ତି, ଶ୍ରୀକଣ୍ଠ ମହାନ୍ତି, ଚନ୍ଦନ କର, ସଂଜୟ ମହାନ୍ତି, ଲକ୍ଷ୍ମୀଧର ବେହେରା, ମୁକୁନ୍ଦ ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ୱର୍ଗତ ମହାନ୍ତି ପ୍ରଚେଷ୍ଟାରେ ଗାଁ ମନ୍ଦିର, ସ୍କୁଲ, ରାସ୍ତା ଓ ପୋଖରୀ ଖନନ ହୋଇ ପାରିଥିବା ସଂପର୍କରେ କହିଥିଲେ । ସଭା ପ୍ରାରମ୍ଭରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅଶ୍ୱିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ରାମନବମୀ ପାଇଁ ଗେରୁଆମୟ ହେଲା ବାରିପଦା

ବାରିପଦା, ୩୧/୦୩ (ନି.ପ୍ର): ଆଜି ପବିତ୍ର ରାମ ନବମୀ ଥିବାରୁ ଏହି ପବିତ୍ର ଦିନରେ ପୁର ପଲ୍ଲୀ ଠାରୁ ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇଉଠିଛି । ତେବେ ଚଳିତ ବର୍ଷ ରାମନବମୀ ରେ ବାରିପଦା ସହର ଚାରିଆଡ଼େ ଗେରୁଆମୟ ହୋଇଯାଇଛି । ବିଭିନ୍ନ ରାମ ମନ୍ଦିର ଗୁଡିକ ସଜାଇ ହେଇ ରହିଛି । ଭକ୍ତ ମାନେ ସକାଳୁ ସକାଳୁ ପୂଜା ପାଇଁ ମନ୍ଦିର ଗୁଡ଼ିକରେ ଭିଡ଼ ଜମେଇ ଥିବାର ଦେଖିବାକୁ ମିଳିଛି । ବାରିପଦାର ଚାରିପଟେ ଗେରୁଆ ପତାକା ରେ ସଜେଇ ହେଇ ରହିଥିବା ବେଳେ, ଭକ୍ତିମୟ ପରିବେଶ ସୃଷ୍ଟି କରୁଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରାଯାଇଛି । କେବଳ ସେତିକି ନୁହେଁ ବିଭିନ୍ନ ହନୁମାନ ମନ୍ଦିର ରେ ୧୦୮ ଘଟ ମୁଣ୍ଡାଇ ମନ୍ଦିରକୁ ଭକ୍ତମାନେ ପହଂଚି ଥିଲେ । ତେବେ ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି ଏବଂ ମନ୍ଦିରରେ ଭକ୍ତ ଏବଂ ଭଗବାନଙ୍କ ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ରାମ ନବମୀ ପାଇଁ ରାମନବମୀ କମିଟି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଆୟଜନ କରାଯାଇଛି । ଆଜି ଅପରାହ୍ନରେରେ ରାମଭକ୍ତଙ୍କ ଏକ ବିଶାଳ ଶୋଭାଯାତ୍ରା ମଧୁବନ ପଡିଆ ରୁ ବାହାରି ସହର ପରିକ୍ରମା କରିଥିବାର ଜଣାଯାଇଛି । ପାରମ୍ପାରିକ ବାଦ୍ୟ ର ତାଳ ରେ ରାମ ଭକ୍ତ ମାନେ ସହର ପରିକ୍ରମା କରିଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ଉଦେଶ୍ୟ ରେ ବ୍ୟାପକ ପୋଲିସ ମୁତୟନ ହୋଇଥିବାର ଦେଖାଯାଇଛି ।

ଭଗବାନ ଶ୍ରୀରାମ କାଳ୍ପନିକ ନୁହଁନ୍ତି, ବାସ୍ତବ : ଅଜିତ୍ କୁମାର ମହାପାତ୍ର

ଉଦଳା, ୩୧/୦୩ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଚଳିତ ବର୍ଷ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି । ଏହି ଅବସରରେ ଆଲୋଚନା ଚକ୍ର ଓ ବେଶ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭକ୍ତି ଜ୍ଞାନ ସଂଚାର ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୋଥାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀରାମ ନବମୀ କାହିଁକି ପାଳନ କରାଯାଏ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଜିତ୍ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତାର କରିବା ସହ ଭଗବାନ ଶ୍ରୀରାମ କାଳ୍ପନିକ ନୁହଁନ୍ତି, ବାସ୍ତବ ବୋଲି ବ୍ୟକ୍ତ କରିଥିଲେ । ଅନେକେ ରାମାୟଣ ଓ ମହାଭାରତକୁ ମଧ୍ୟ କଳ୍ପନା ବୋଲି କହିବା ସହ ବିଭିନ୍ନ ସଭା ସମିତିରେ ବକ୍ତବ୍ୟ ପ୍ରଦାନ କରୁଥିବାରୁ ଦୃଶ୍ୟ ଦେଖିବାକୁ ମିଳୁଛି, ଏହା ଦୁଃଖ ଦାୟକ ବୋଲି ସେ କହିଥିଲେ । ଏହାପରେ ପିଲାଙ୍କ ମଧ୍ୟରେ ବେଶ ପୋଷାକର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ତମ ଜନ୍ମଜୟନ୍ତୀ ପାଳିତ

ନୀଳଗିରି, ୩୧/୦୩ (ନି.ପ୍ର): ନୀଳଗିରି ସତସଙ୍ଗ ବିହାରରେ ପରମପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୫ତମ ଜନ୍ମଜୟନ୍ତୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଡ. ଅଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସତ୍‌ସଙ୍ଗ ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ କେଦାରନାଥ ମହାନ୍ତି ଓ ଅଭିନ୍ନ ପଟ୍ଟନାୟକ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଦିବ୍ୟ ଜୀବନ ଓ ବାଣୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ଚନ୍ଦ୍ର ବାରିକ, ସୁରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ମୂରଲୀଧର ପାତ୍ର, ଡଃ. ଅମରେନ୍ଦ୍ର ଲାଲ ଦତ, ଯତୀନ କୁମାର ସାହୁ, ବାସୁଦେବ ବିହାରୀ, ରୋହିଣୀ ନନ୍ଦନ ପଟ୍ଟନାୟକ, ମୁକ୍ତିକାନ୍ତ ନାଏକ, ଶଶଧର ପାଣି, କବି ସୁକୁମାର ଦାସ, ଗୋକୁଳାନନ୍ଦ ରଣା, ଭଗୀରଥ ମହାନ୍ତି,ଉମାକାନ୍ତ ବୁଗୁଡ଼ାଇ, ବସନ୍ତ କୁମାର ନାୟକ, ଭରତଭୂଷଣ ବିଶ୍ୱାଳ, ଗୋକୁଳିଚନ୍ଦ୍ର ପାତ୍ର, ଶରତ ଦାସ ପ୍ରମୁଖ ଉପସ୍ଥିତ ରିହ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଷଲ । ଏହି ଅବସରରେ ଏକ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କର ସମାଗମ ହୋଇଥିଲା ବେଳେ ସମସ୍ତଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା । ଅପରାହ୍ନରେ ମା'ମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

୪ଟି କାର୍ଯ୍ୟଦିବସ ପୂର୍ବରୁ....

ପିଟିସନ୍ ମଧ୍ୟ ଆଗତ ହୋଇଛି ।୧୨ଟି ମୁଲତବୀ ନୋଟିସ ଆସିଥିଲାବେଳେ ସେଥିରୁ ୯ଟି ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ସରକାରଙ୍କ ପକ୍ଷରୁ ମୋଟ ୬ଟି ବିବୃତି ଏହି ଅଧିବେଶନ କାଳରେ ଗୃହରେ ଘୋଷଣା ହୋଇଛି । ୩ଟି ସିଏଜି ରିପୋର୍ଟ ଓ ୧୨ଟି ବାର୍ଷିକ ରିପୋର୍ଟ ଚଳିତ ଅଧିବେଶନରେ ଗୃହରେ ଉପସ୍ଥାପିତ ହୋଇଛି। ଚଳିତ ଅଧିବେଶନରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ଆଗତ ଓ ପାରିତ ହୋଇଛି । ଫେବ୍ରୁଆରୀ ୨୪ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗୃହରେ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ ଆଗତ କରିଥିଲେ । ତେବେ ଏହି ଅଧିବେଶନ ଆରମ୍ଭରୁ ଶେଷ ଯାଏଁ ବେଶ ସରଗରମ ରହିଥିଲା। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟାକାଣ୍ଡ, ୫-ଟି ରୂପାନ୍ତରଣ ପ୍ରସଙ୍ଗ, ଅଫିସର ରାଜ୍, ସୀମା ବିବାଦ, ମହାନଦୀ ଜଳବିବାଦ, ଜାଲ ସାର୍ଟିଫିକେଟ , ବାଣିଜ୍ କୋଚିଂ ସେଂଟର ଉପରେ ରେଡ୍ ଆଦି ପ୍ରସଙ୍ଗ ଉଠାଇଥିଲେ ବିରୋଧୀ। ଅପର ପକ୍ଷରେ କେନ୍ଦ୍ର ସରକାର ଗରିବଙ୍କ ଚାଉଳ କୋଟା କାଟିବାକୁ ପ୍ରସଙ୍ଗ କରିଥିଲା ବିଜେଡି। ଏହି ଅଧିବେଶନ କାଳରେ ସରକାର ମୋଟ ୬ଟି ବିଲ୍ ଆଗତ କରିଥିବାବେଳେ ସେଥିରୁ ମାତ୍ର ଗୋଟିଏ ବିଲ୍ (ଓଡ଼ିଶା ବ୍ୟୟମଞ୍ଜୁରୀ ବିଲ-୨୦୨୩) ପାରିତ ହୋଇଛି । ଅନ୍ୟ ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଯଥା- ଓଡ଼ିଶା ଆପାର୍ଟମେଂଟ ଓନରସିପ୍ ଆଣ୍ଡ ମ୍ୟାନେଜମେଂଟ ବିଲ-୨୦୨୩, ଓଡ଼ିଶା ପଛୁଆବର୍ଗ ଆୟୋଗ(ସଂଶୋଧନ) ବିଲ-୨୦୨୩, ଓଡ଼ିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ,ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା(ଓଡ଼ିଶା ସଂଶୋଧନ) ବିଲ-୨୦୨୩କୁ ଶେଷ ଦିନରେ ଫେରସ୍ତ କରିନେଇଛନ୍ତି ।

ନବ ଦାସଙ୍କ ଝିଅ ଦୀପାଳିଙ୍କୁ ....

ପାଇବାର ବହୁ ପୂର୍ବରୁ ଦୀପାଳିଙ୍କ ନାଁରେ ମୋହର ବାଜିଛି । ବାପାଙ୍କ ଦେହାନ୍ତ ପରେ ସେ ମଧ୍ୟ ନିର୍ବାଚନୀ କ୍ଷେତ୍ରରେ ବେଶ ସକ୍ରିୟ ହୋଇ ପଡିଥିଲେ । ଗତକାଲି ରାମ ନବମୀରେ ହଜାର ହଜାର ସମର୍ଥକଙ୍କୁ ଧରି ଶକ୍ତି ପ୍ରଦର୍ଶନ କରିବା ସହ ବାଡି ଓ ଖଣ୍ଡା ବୁଲାଇଥିଲେ ଦୀପାଳି । ଶୋଭାଯାତ୍ରା ବେଳେ ସାଙ୍ଗରେ ବି ଥିଲେ ଭାଇ ବିଶାଲ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାମକୁ ନେଇ ଲୋକଙ୍କ ପାଖକୁ ଯିବେ ଏବଂ ବାପାଙ୍କ ଆଦର୍ଶ ଓ ସଂସ୍କାରକୁ ପୁଞ୍ଜି କରି ଲଢିବେ ବୋଲି କହିଛନ୍ତି ଦୀପାଳି । ବିଜେଡିରୁ ଦୀପାଳି ପ୍ରାର୍ଥୀ ହୋଇଥିବାବେଳେ ବିଜେପି ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଝାରସୁଗୁଡାରେ ସକ୍ରିୟ ଥିବା ବିଜେପି ନେତା ଟଙ୍କଧର ତ୍ରିପାଠୀଙ୍କ ନାଁ ଚର୍ଚ୍ଚାର ଆଗରେ ରହିଛି । ତେବେ ୨୦୧୯ରେ ପରାଜିତ ପ୍ରାର୍ଥୀ ଦୀନେଶ ଜୈନ ଓ ଟଙ୍କଧର ତ୍ରିପାଠୀଙ୍କ ମଧ୍ୟରୁ କାହାକୁ ଆଗକୁ ଆଣିବ ତା ଉପରେ ନଜର ରହିଛି । ସେପଟେ କଂଗ୍ରେସ ପ୍ରାର୍ଥୀ ଚୟନ ପାଇଁ ଏକ ୫ ଜଣିଆ ଟିମ୍ ଗଠନ କରିଛି । ଖୁବଶୀଘ୍ର ଟିମ୍ ଝାରସୁଗୁଡା ଗସ୍ତ କରି ସ୍ଥାନୀୟ ନେତାଙ୍କ ସହ ଆଲୋଚନା କରିବା ପରେ ଚୂଡାନ୍ତ ନିଷ୍ପତି କରିବ । କଂଗ୍ରେସ ଦଳରେ ଏକାଧିକ ଆଶାୟୀ ଥିବା ଚର୍ଚ୍ଚା ହେଉଛି ।

ଗଣତନ୍ତ୍ରରେ ପ୍ରଶ୍ନ କରିବା...

ଝାରସୁଗୁଡାରେ ମନ୍ତ୍ରୀ ନବ ଦାସଙ୍କ ଠାରୁ ନାବାଳକ ସମର୍ଥଙ୍କ ହତ୍ୟା ହେଉଥିବା ବେଳେ ପ୍ରଶ୍ନ ପଚାରିଲେ ଓଡ଼ିଶାକୁ ଅପମାନ କରିବା କଥା କୁହାଯାଉଛି । ଆଠଗଡରେ କର୍ପୋରେଟିଭ୍ ବ୍ୟାଙ୍କ୍ ନାଁରେ ଗରିବର ଲୋକଙ୍କୁ ଗୋଟିଏ ପରିବାର ହରିଲୁଟ କଲେ । ଅପରପକ୍ଷରେ ଦୀର୍ଘ ୨୩ ବର୍ଷର ଶାସନରେ ଶାସକ ଦଳର ଅଧିକରୁ ଅଧିକ ନେତାମାନେ ଅପରାଧିକ ମାମଲାରେ ସମ୍ପୃକ୍ତ ଅଛନ୍ତି। ସିସୋର ଚିଟଫଣ୍ଡରେ ଅଭିଯୁକ୍ତ ଉତ୍ତରପ୍ରଦେଶ ସହ ତୁଳନା କରିବା ଦୁର୍ଭାଗ୍ୟଜନକ। ଅପରାଧୀଙ୍କୁ ଦମନ କରି ଯୋଗୀ ଆଦିତ୍ୟନାଥ ପୁଣି ସରକାରକୁ ଫେରିଛନ୍ତି। ସାହସ ଥିଲେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କରିକି ଦେଖାନ୍ତୁ । ରାଜ୍ୟରେ ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାର ଅବସ୍ଥା କଣ ? ମାତ୍ର ପ୍ରଶ୍ନ ପଚାରିଲେ ରାଜନୀତି କହିବା ଯୁକ୍ତିଯୁକ୍ତ କି ? ଶ୍ରୀ ପ୍ରଧାନ ମିଶ୍ରଣ ପର୍ବରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଅଭୟ ବାରିକ ଓ ଅନେକ ସମ

ଶନିବାର, ଏପ୍ରିଲ ୦୧, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ରାହୁଲ ଗାନ୍ଧୀ ସାଂସଦ ରଦ୍ଦ ପ୍ରସଙ୍ଗ : ଏପ୍ରିଲ ମାସସାରା ପ୍ରତିବାଦ କରିବ କଂଗ୍ରେସ

ବାଲେଶ୍ୱର, ୩୧/୦୩ (ନି.ପ୍ର): ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦୁର୍ନୀତି ଓ ଜନତା ମାରଣ କାର୍ଯ୍ୟ ବିରୋଧରେ ରାହୁଲ ଗାନ୍ଧୀ ପ୍ରଶ୍ନ କରିବା ଯୋଗୁଁ ପ୍ରଧାନମନ୍ତ୍ରୀ ଗଣତନ୍ତ୍ରର ସୀମା ଲଂଘିବାକୁ ଦେଶବାସୀ କେବେ କ୍ଷମା କରିବେ ନାହିଁ ବୋଲି କଂଗ୍ରେସର ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ନିରୋଜ ଲୋଚନ ଦାସ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ବିରୋଧରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ପୃଷ୍ଠଭୂମି ଓ ଅଭିସନ୍ଧି ସମ୍ପର୍କରେ ଶ୍ରୀ ଦାସ ସୂଚନା ଦେଇଛନ୍ତି। ସ୍ୱାଧୀନତା ପ୍ରାପ୍ତିଠାରୁ ଅଦ୍ୟାବଧି ଦେଶ ମାନହାନୀ ମକଦମାରେ କୌଣସି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ରହୁଲ ଗାନ୍ଧୀଙ୍କ ଭଳି ୨ ବର୍ଷ କାରାଦଣ୍ଡାଦେଶ ହୋଇ ନଥିବା ସେ କହିଛନ୍ତି। କ୍ଷମତାର ଅପବ୍ୟବହାର କରି ପ୍ରଧାନମନ୍ତ୍ରୀ ତଥା କେନ୍ଦ୍ରର ବିଜେପି ସରକାର ଗଣତନ୍ତ୍ରର ଉର୍ଦ୍ଧ୍ୱକୁ ଚାଲିଯିବା ଦେଶ ପାଇଁ ବିପଦ ହୋଇଛି। ଦେଶର ସାମ୍ପ୍ରତିକ ସ୍ଥିତିକୁ ନେଇ ସବୁ ମହଲରେ ଉଦବେଗ ପ୍ରକାଶ ପାଇଥିବା ବେଳେ ସାଧାରଣ ଲୋକେ ସ୍ୱର ଉତ୍ତୋଳନ ଆରମ୍ଭ କରିଛନ୍ତି। ବିଶେଷ କରି ରହୁଲଙ୍କ ପ୍ରସଙ୍ଗରେ ଦେଶବ୍ୟାପୀ କେନ୍ଦ୍ର ସରକାରଙ୍କ ବିରୋଧରେ ଜନମତ ସଷ୍ଟି ସହ ବିରୋଧୀମାନେ ଏକତ୍ରିତ ହେଉଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁହଁ ନ ଖୋଲିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଦାସ କହିଛନ୍ତି। ତେବେ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ଅନ୍ୟାୟ ଓ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟଧାରା ବିରୋଧରେ ଏପ୍ରିଲ ମାସ ସାରା ପ୍ରତିବାଦ କାର୍ଯ୍ୟକ୍ରମ ସାଙ୍ଗକୁ ଜନ ସଚେତନତା ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। କଂଗ୍ରେସ ଜିଲା ସଭାପତି ସଂଜୀବ ଗିରି ଏଥିରେ ଯୋଗଦେଇ ଆଗାମୀ ଦିନରେ ବାଲେଶ୍ୱରରେ ହେବାକୁ ଥିବା କେନ୍ଦ୍ର ସରକାର ବିରୋଧୀ ବିଭିନ୍ନ ପ୍ରତିବାଦ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ପଞ୍ଚାୟତରେ ମନମୁଖୀ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ଧାରଣା

ବାଲେଶ୍ୱର, ୩୧/୦୩ (ନି.ପ୍ର): ବାହାନଗା ବ୍ଲକ ଚକଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟରେ ପୂର୍ବତନ ସରପଞ୍ଚଙ୍କ ଅଯଥା ହସ୍ତକ୍ଷେପକୁ ନେଇ ଗ୍ରାମବାସୀମାନେ ଜିଲାପାଳଙ୍କ ଠାରେ ଫେରାଦ ହୋଇଛନ୍ତି। ପୂର୍ବତନ ସରପଞ୍ଚଙ୍କ ବିରୋଧରେ ଏକାଧିକ ଦୁର୍ନୀତି ମାମଲା ଚାଲିଥିବା ବେଳେ ସେ ବର୍ତ୍ତମାନର ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କୁ ହାତ କରି ସବୁ କଥାରେ ମୁଣ୍ଡ ପୂରାଇ ଚାଲିଛନ୍ତି ବୋଲି ଗ୍ରାମବାସୀମାନେ ଆରୋପ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଡିଓ, ବିଧାୟକଙ୍କ ପର୍ଯ୍ୟନ୍ତ ସବୁଠାରେ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶେଷରେ ସେମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ବସୁଧା ଯୋଜନାରେ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ଲାଗି ଦୁଇଟି ପ୍ରଡ଼ିକ୍ସନ ୱେଲ, ଓଭର ହେଡ଼ ଟ୍ୟାଙ୍କି, ପମ୍ପ ହାଉସ ପ୍ରଭୃତି ନିର୍ମାଣ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଛି। ଏଥି ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବାହାନଗା ତହସିଲଦାରଙ୍କୁ କୁଣ୍ଡାଖାଇ ବଜାର ଓ ଚନ୍ଦନୀପୁରରେ ଜାଗା ଚିହ୍ନଟ ପାଇଁ ଚିଠି ଦେଇଛନ୍ତି। ତହସିଲଦାର ଚିଠିର ଉତ୍ତର ଦେବା ପୂର୍ବରୁ କେମିତି ପ୍ରକଳ୍ପ କାମ ଆରମ୍ଭ ହେଲା ଓ ଶେଷ ମଧ୍ୟ ହେଲା ସେକଥା ବିଡିଓ କିମ୍ବା ନିର୍ବାହୀ ଯନ୍ତ୍ରୀ କହି ପାରୁନାହାନ୍ତି। ଏ ସମ୍ପର୍କରେ ତଦନ୍ତ ଦାବିରେ ଗ୍ରାମବାସୀମାନେ ଧାରଣା ଦେଇଥିବା କହିଛନ୍ତି । ପଂଚାୟତ ଦ୍ୱାରା କୌଣସ ସମୟରେ ୱାର୍ଡ଼ମେମ୍ବର କିମ୍ବା ନାଏବ ସରପଞ୍ଚଙ୍କୁ ବୈଠକୁ ଡକା ଯାଉନାହିଁ। ସରପଞ୍ଚଙ୍କ ସ୍ୱାମୀ ଓ ସହଯୋଗୀମାନେ ଅରାଜକତା ଚଳାଇ ସ୍ଥାନୀୟ ଏସଏଚଜି ସଦସ୍ୟାଙ୍କୁ ନେଇ ବୈଠକ ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ପଲୀସଭା କରୁନଥିବାରୁ ପଚାରିଲେ ସରକାର ପଲୀସଭା ବ୍ୟବସ୍ଥା ଉଠାଇଦେଇଥିବା ସରପଞ୍ଚ ଉତ୍ତର ହେଉଛନ୍ତି। ପୂର୍ବତନ ସରପଞ୍ଚଙ୍କ ଦ୍ୱାରା ପ୍ରଭାବିତ ହୋଇ ବର୍ତ୍ତମାନର ସରପଞ୍ଚ ଓ ତାଙ୍କ ସ୍ୱାମୀ ମନମୁଖୀ କାର୍ଯ୍ୟ ଚଳାଇଥିବା ସେମାନେ କହିଛନ୍ତି। ଏଥି ସହିତ ଚକ ଜଗନ୍ନାଥପୁର ପଞ୍ଚାୟତରେ ଏକାଧିକ ପ୍ରକଳ୍ପର ଅନିୟମିତତା ହୋଇଥିବା ବେଳେ ସମସ୍ତ କାର୍ଯ୍ୟର ବିଧିବଦ୍ଧ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ଏସମ୍ପର୍କରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

ମିର୍ଜାପୁର ସମିତିରେ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା

ଖଇରା, ୩୧/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିର୍ଜାପୁର ସେବା ସମବାୟ ସମିତିରେ ଶୁକ୍ରବାର ଦିନ ବାର୍ଷୀକ ସାଧାରଣ ସଭା ଏବଂ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ବୋର୍ଡ ସଭାପତି ସନ୍ତୋଷ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ର, ସୁପରଭାଇଜର ପ୍ରଦୀପ ମହାପାତ୍ର ଅତିଥି ଭାବେ ଯୋଗଦେଇ ଚାଷୀ ମାନଙ୍କୁ ଉଦ୍ଦେଶ୍ୟରେ ପ୍ରଣୟନ ହୋଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଚାଷୀ ନରାୟଣ ପଣ୍ଡା ଓ ମନୋରଞ୍ଜନ ପଣ୍ଡା ନିଜର ମତ ରଖିଥିଲେ । ବିଭିନ୍ନ ଗ୍ରାମରୁ ୩ଶହରୁ ଅଧୀକ ଚାଷୀ ଉପସ୍ଥିତ ଥିଲେ ।

କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀରେ କବି ଅରୁଣ ସାହୁ

ବାଲେଶ୍ୱର, ୩୧/୦୩ (ନି.ପ୍ର): ଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ନବଗଠିତ କାର୍ଯ୍ୟନିର୍ବାହୀ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡଃ ଗୌରହରି ଦାସ ଯୋଗଦେଇ ଉପଦେଷ୍ଟା ମଣ୍ଡଳୀର ଅନ୍ୟାନ୍ୟ ସଭ୍ୟମାନଙ୍କର ନାମ ସ୍ଥିରୀକୃତ କରିଥିଲେ । ସାଧାରଣ ପରିଷଦର ସସଦ୍ୟ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଓ ପ୍ରଫେସର ବିଜୟ କୁମାର ଶତପଥୀଙ୍କ ସମେତ କବି ଅରୁଣ କୁମାର ସାହୁ, ଡଃ ପ୍ରୀତିଧାରା ସାମଲ, ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡଃ ମନୋଜ କୁମାର ପଣ୍ଡା, ପବିତ୍ର ମୋହନ କର, ଡଃ ମହେନ୍ଦ୍ର ପ୍ରସାଦ ଓ ଚିତ୍ତରଞ୍ଜନ ଚିରଞ୍ଜିତ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବରେ ମନୋନୀତ ହୋଇଥିଲେ । ଉକ୍ତ କମିଟିର କାର୍ଯ୍ୟକାଳ ୨୦୨୩ରୁ ୨୦୨୭ ପର୍ଯ୍ୟନ୍ତ ପାଞ୍ଚବର୍ଷ ପାଇଁ କାର୍ଯ୍ୟ କରିବ । ଓଡ଼ିଆ ଭାଷାର ଆବାହକ ଡଃ ଗୌରହରୀ ଦାସ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମୀର ଉଚ୍ଚ କ୍ଷମତା ସମ୍ପନ୍ନ ଅର୍ଥ କମିଟିକୁ ମନୋନୀତ ହୋଇଛନ୍ତି । ଏକାଡେମୀର ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଉପାଧ୍ୟକ୍ଷ ପ୍ରଫେସର କୁମୁଦ ଶର୍ମା ଓ ଏକାଡେମୀର ସଚିବ କେ ଶ୍ରୀନିବାସ ରାଓଙ୍କ ସମେତ ଭାରତର ସମସ୍ତ ଭାଷାର ଆବାହକ ଉକ୍ତ ବୈଠକରେ ଯୋଗଦାନ କରିଥିଲେ । କବି ଅରୁଣ କୁମାର ସାହୁ ଏବେ ନାଲକୋର ଡିଜିଏମ୍ ଭାବରେ କାର୍ଯ୍ୟ କରୁଥିବା ବେଳେ ଭୁବନେଶ୍ୱର ନାଲକୋ ଅଫିସର ସଂଘର ମଧ୍ୟ ସଭାପତି ଭାବରେ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ମଧ୍ୟ ନାଲକୋ ଅଫିସର ସଂଘର ସଭାପତି ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଜଣେ ଦୃଢ଼ ସଂଗଠକ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିବା ଶ୍ରୀ ସାହୁଙ୍କର ଯୋଗଦାନ ନୂତନ ଉପଦେଷ୍ଟା ମଣ୍ଡଳୀ ପାଇଁ ଉପାଦେୟ ହେବ ବୋଲି ଆଶା କରାଯାଉଛି । କବି ଅରୁଣ କୁମାର ସାହୁଙ୍କର ନୂତନ ଦାୟିତ୍ୱ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଖୁସିର ଲହରୀ ଆଣିଦେଇଛି । ନାଲକୋ ଅଫିସର ସଂଘର ସଭାପତି ବନମାଳୀ ସେଠୀ, ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି କିଶୋର ବେହେରା ସମେତ ବାଲେଶ୍ୱରର ବାହୁ ଲଣ୍ଠ ପ୍ରତିଷ୍ଠିତ ସାହିତ୍ୟିକ କବି ଅରୁଣ କୁମାର ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀଯୁକ୍ତ ସାହୁ ବାଲେଶ୍ୱର ସାହିତ୍ୟିକ ମଧ୍ୟରେ ଖୁବ୍ ସୁପରିଚିତ ଅଟନ୍ତି । ସେଥିପାଇଁ ବାଲେଶ୍ୱରର ବହୁ ପ୍ରତିଷ୍ଠିତ ସାହିତ୍ୟିକ ଶ୍ରୀଯୁକ୍ତ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ମେଡିକାଲ କଲେଜ ଛାତ୍ରଙ୍କ ମୃତଦେହ ଉଦ୍ଧାର : ଆତ୍ମହତ୍ୟା ସନ୍ଦେହ

ବାଲେଶ୍ୱର, ୩୧/୦୩ (ନି.ପ୍ର): ଫକୀର ମୋହନ ମେଡିକାଲ କଲେଜର ତୃତୀୟ ବର୍ଷ ଛାତ୍ର ହିତେଷୁ ଦାସଙ୍କ ମୃତଶରୀର କ୍ୟାମ୍ପସ ପରିସରରୁ ଗତକାଲି ରାତିରେ ଉଦ୍ଧାର କରାଯାଇଛି। କଲେଜ କ୍ୟାମ୍ପସ ସ୍ଥିତ ଏକାଡେମୀ ବିଲ୍ଡିଂରୁ ଖସିପଡ଼ିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତକାଲି ରାତି ପ୍ରାୟ ସାଢ଼େ ୩ଟା ବେଳେ ଜଣେ କର୍ମଚାରୀ ନିଜର ସମ୍ପର୍କୀୟଙ୍କୁ ରେଳ ଷ୍ଟେସନରୁ ଆଣିବା ପାଇଁ ବାଇକ ଯୋଗେ କ୍ୟାମ୍ପସ ବାହାରକୁ ଆସୁଥିବା ବେଳେ ହିତେଷୁଙ୍କ ରକ୍ତ ଜୁଡୁବୁଡୁ ଶରୀର ଏକାଡେମୀ ବିଲ୍ଡିଂ ପାର୍ଶ୍ୱରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ଡାକ୍ତର ହିତେଷୁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପଞ୍ଚନାମା ପରେ ବ୍ୟବଚ୍ଛେଦ ସହ ମୃତ ଶରୀରକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ବ୍ୟବଚ୍ଛେଦ ପୂର୍ବରୁ ପରିବାର ଲୋକେ ତାଙ୍କର ଚକ୍ଷୁକୁ ଏଲ ବି ପ୍ରସାଦ ଚକ୍ଷୁ ଟ୍ରଷ୍ଟକୁ ଦାନ କରିଥିଲେ। ହିତେଷୁ ଆତ୍ମହତ୍ୟା କରିଥିବା ନେଇ ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଗତ କିଛିଦିନ ଧରି ହିତେଷୁ ନିରବ ରହିବା ଓ ରୁମମେଟଙ୍କ ବ୍ୟତୀତ କାହା ସହ କଥା ହେଉନଥଲେ ବୋଲି ସହପାଠୀମାନେ ପ୍ରକାଶ କରିଛନ୍ତି। ଏମିତିକି ଗତକାଲି ଅପରାହ୍ନ ସୁଦ୍ଧା ସେ ସମସ୍ତ ହ୍ୱାଟସଆପ ଗ୍ରୁପରୁ ଲେଫ୍ଟ ହୋଇଯାଇଥିଲା ବୋଲି ସେମାନେ ସୂଚନା ଦେଇଛନ୍ତି।

ସମ୍ବଲପୁର ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ସମ୍ବଲପୁରରେ ବରଯାତ୍ରୀ ଗାଡି ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି ; ସମ୍ବଲପୁର ଜିଲ୍ଲା ଶାସନ କେନାଲ ନିକଟରେ ହୋଇଥିବା ମର୍ମନ୍ତୁଦ ଦୁର୍ଘଟଣାରେ କିଛି ଲୋକଙ୍କ ପ୍ରାଣହାନୀ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି । ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ।

ସାଇକେଲରେ ବାଙ୍ଗଲାଦେଶ, ମିଆଁମାର, ଭୁଟାନ, ନେପାଳ, ଆଫଗାନିସ୍ଥାନ, ପାକିସ୍ଥାନ ଓ ଶ୍ରୀଲଙ୍କା ଯାତ୍ରା

ଉଦଳା, ୩୧/୦୩ (ନି.ପ୍ର): ଉତ୍ତର ପ୍ରଦେଶରୁ ଜଣେ ଯୁବକ ସାଇକେଲ ଚଳାଇ ଛତିଶ ଗଡ଼ ଦେଇ ଓଡ଼ିଶାରେ ପହଞ୍ଚିଛନ୍ତି। ମାର୍ଚ୍ଚ ୨୬ ତାରିଖ ରବିବାର ଦିନ ସନ୍ଧ୍ୟାରେ ସେ ଉଦଳାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଠାରୁ ସେ ପଶ୍ଚିମ ବଙ୍ଗ ଦେଇ ବାଙ୍ଗଲାଦେଶ ଯିବେ। ସେଠାରୁ ପୁଣି ମିଆଁମାର, ଭୁଟାନ, ନେପାଳ ଦେଇ ଆଫଗାନିସ୍ଥାନ, ପାକିସ୍ଥାନ ଓ ଶେଷରେ ଶ୍ରୀଲଙ୍କା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ହାତରେ ତ୍ରିରଙ୍ଗା ପତାକା ଧରି ସେ କାହିଁକି ଏପରି ଯାତ୍ରା କରୁଛନ୍ତି ବୋଲି ପଚାରିବାରୁ ଉତ୍ତରରେ ସେ କହିଲେ ଭାରତରୁ ଅଲଗା ହୋଇଯାଇଥିବା ଭୂଖଣ୍ଡ ଗୁଡ଼ିକୁ ପୁଣି ଥରେ ଯୋଡ଼ି ଅଖଣ୍ଡ ଭାରତର ସ୍ୱପ୍ନକୁ ସାକାର ରୂପ ଦେବା ପାଇଁ ଜନ ସମର୍ଥନ ଲୋଡ଼ିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ତାଙ୍କର ଏପରି ସାଧୁ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

ସମ୍ବଲପୁରରେ ବରଯାତ୍ରୀ ଗାଡ଼ି ଦୁର୍ଘଟଣାରେ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧/୦୩ (ନି.ପ୍ର): ସମ୍ବଲପୁରରେ ବରଯାତ୍ରୀ ଗାଡ଼ି ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ସମ୍ବଲପୁରରେ ବରଯାତ୍ରୀ ଗାଡ଼ି ଦୁର୍ଘଟଣାରେ ଅନେକଙ୍କ ପ୍ରାଣହାନୀ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ସମସ୍ତଙ୍କ ଅମର ଆତ୍ମାର ସଦଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ଏଥିସହ ସମସ୍ତ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି।

୨ଶହ ବର୍ଷର ଅଣ୍ଡାଇଲୋ ମଧୁଗଣେଷ ପୂଜା ଉଦ୍‌ଯାପିତ

ଖଇରା, ୩୧/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମର ମଧୁଗଣେଷ ପୂଜାର ୨ଶହ ବର୍ଷ ପୁର୍ତ୍ତୀ କୁ କମିଟି ମହାଆଡମ୍ବରରେ ପାଳନ କରିଛି । ୨୬ତାରିଖ ଦିନ ପୂଜା ଆରମ୍ଭ ହୋଇଥିବା ବେଳେ ୬ଦିନ ଧରି ଧୁମଧାମରେ ଆରାଧନା ପରେ ୩୧ତାରିଖ ସନ୍ଧ୍ୟାରେ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମଧୁଗଣେଷ ବାର୍ଷିକ ମହୋତ୍ସବରେ କମିଟି ସଭାପତି ମାନସ କୁମାର ଭଞ୍ଜ ପୌରହିତ୍ୟ କରିଥିଲେ । ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣା ମୁଖ୍ୟ ଅତିଥି, ଅବସରପ୍ରପ୍ତ ସଂସ୍କୃତ ଶିକ୍ଷକ ଅକ୍ଷିତ କୁମାର ଜେନା, ସରପଞ୍ଚ ମମତାରାଣି ପରିଡା, ସମିତି ସଭ୍ୟ ନଳିନି କୁମାର ସାହୁ, ନରହରି ସାମଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା, ସଂସ୍କୃତି, ପାଲା ପରିବେଷଣ, ଖବର ପରିବେଷଣ, ସମାଜସେବା, କବିତାଲିଖନ କ୍ଷେତ୍ରରେ ଅବଦାନ ଥିବା ନରହରି ରାଉଳ, ଦମୟନ୍ତି ରାଉତ, ନିତ୍ୟାନନ୍ଦ ସାହୁ, ରିତାରାଣି ଦାସ, ଶଙ୍କର୍ଷନ ରାୟ, ଭଗବାନ ଭଞ୍ଜ, ବାବାଜି ଚରଣ ଦାଶ, ନରହରି ବେହେରା, ଛାୟାକାନ୍ତ ମହାନ୍ତି, ଉତ୍କଳବନ୍ଧୁ ପଣ୍ଡା, ଚିନ୍ତାମଣି ସାହାଣି, ଗୋପାଳରାୟ ମହାପାତ୍ର, ସୁରେନ୍ଦ୍ର ପ୍ରସାଦ ରାଉତ,ସୀତା ମାରାଣ୍ଡି, ଅଚ୍ୟୁତ କୁମାର ବେହେରା, ନଟକିଶୋର ନାୟକ, ଜଶମିତା ମହାନ୍ତିଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଅଣ୍ଡାଇଲୋ ଗ୍ରାମର ସମସ୍ତ ଗ୍ରାମବାସୀ ୬ଦିନିଆ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ବାଲେଶ୍ୱରରେ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ

ବାଲେଶ୍ୱର, ୩୧/୦୩ (ନି.ପ୍ର): କିନ୍ନରଙ୍କ ସାମାଜିକ ସୁରକ୍ଷା ଭିତ୍ତିକ 'ସ୍ୱୀକୃତି' ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କିତ 'ଟ୍ରାନ୍ସଜେଣ୍ଡର ଦୃଶ୍ୟତା ଦିବସ' ରୁରାଲ ଡେଭେଲୋପମେଣ୍ଟ ଆକ୍ସନ ସେଲ (ଆରଡିଏସି) ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିଲେ ଯୋଗଦେଇ ତୃତୀତ ଲିଙ୍ଗ ଭାବେ ପରିଚିତ କିନ୍ନରମାନେ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ହୋଇଛନ୍ତି ବୋଲି କହିଥିଲେ। ସାମ୍ବିଧାନିକ ମାନ୍ୟତା ପରେ ସ୍ୱତନ୍ତ୍ର ପରିଚୟ ପାଇଥିବା ଏହି କିନ୍ନରଙ୍କ ଜୀବନଧାରଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନକୁ ସବୁ ମହଲରୁ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ଅତିରିକ୍ତ ଜିଲାପାଳ ଶ୍ରୀ ମହାପାତ୍ର ମତ ପ୍ରକାଶ କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିବାହୀ ତଥା ଉନ୍ନୟନ ଅଧିକାର